# ପ୍ରେରଣା

## ନଭେମ୍ବର, ୨୦୧୯ ସଂସ୍କରଣ



ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ନଭେମ୍ବର, ୨୦୧୯ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

**ଆମସହ ଯୋଗାଯୋଗ**

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com,ଦୂରଭାଷ–8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ନଭେମ୍ବର ୨୦୧୯ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ନଭେମ୍ବର ୨୦୧୯ ସଂସ୍କରଣର ବିଜେତା ଲେଖକ ଅମ୍ରିତେଶ ଖଟୁଆଙ୍କୁ ଅଭିନନ୍ଦନ । ଲେଖକଙ୍କ କଲମରୁ...

ଚପଳ ସ୍ରୋତରେ ଭାରତର ଭବିଷ୍ୟତ ଆମେ
ନାମ ଆମର ଶୈଶବ ସ୍ରୋତସ୍ୱିନୀ,
ଗଢିବୁ ଦିନେ ଯେ ନେହରୁଙ୍କ ପରେ
ସ୍ୱର୍ଗୀୟ ଭାରତ ଆମର ପୁଣି,
କଳଙ୍କର ଛିଟା ଫୋପାଡି ମୋଡି ମକଚି
ସଜାଇବୁ ଯେବେ ଭାରତବର୍ଷ ସରଣୀ ।



ଅମ୍ରିତେଶ ଖଟୁଆ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈିସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

• ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସଂରକ୍ଷିତ । ତେଣୁ ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...



ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧି ସହିତ ପ୍ରାକୃତିକ ପରିବେଶ ଭରା ଆଧ୍ୟାତ୍ମିକ ପୀଠସ୍ଥଳୀଗୁଡିକର ମହିମା ଢେଙ୍କାନାଳକୁ ଜାତୀୟସ୍ତରରେ ପରିଚିତ କରାଇପାରିଛି । ଜିଲ୍ଲାରେ ଅବସ୍ଥିତ ବିଭିନ୍ନ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଗୁଡିକ ମଧ୍ୟରୁ ସପ୍ତଶଯ୍ୟା ଅନ୍ୟତମ । ଏହାର ପ୍ରାକୃତିକ ପରିବେଶ ଦର୍ଶକମାନଙ୍କୁ ବିମୋହିତ କରିବା ସହ ନୈସର୍ଗିକ ଆନନ୍ଦ ପ୍ରଦାନ କରିଥାଏ । ଏହାର ପ୍ରାତଃ ଓ ସନ୍ଧ୍ୟା ସମୟର ଦୃଶ୍ୟ ଅତ୍ୟନ୍ତ ମନଲୋଭା ଓ ଚିତ୍ତାକର୍ଷକ ।

ସପ୍ତଶଯ୍ୟା ପାହାଡ଼ ଉପରକୁ ଉଠିବା ରାସ୍ତାର ଦୁଇ ପାଶ୍ୱରେ ଥିବା ଶାଗୁଆନ ବୃକ୍ଷଗୁଡିକର ଅନୁପମ ସୌନ୍ଦର୍ଯ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥାଏ । ଏହାସହ ଗିରିଖୋଲର ଗାମ୍ଭୀର୍ଯ୍ୟ ଓ କଣ୍ଟକ ଗ୍ରଥିତ ବେତ୍ରବନର ଦୃଶ୍ୟ ମନରେ କଳ୍ପନାର ଇନ୍ଦ୍ରଜାଲ ସୃଷ୍ଟିକରେ । କଳନାଦୀ ଝରଣା ତୃଷିତ ଜୀବଜନ୍ତୁଙ୍କର ତୃଷା ନିବାରଣ କରିଥାଏ ।

ଢେଙ୍କାନାଳ ସହରଠାରୁ ମାତ୍ର ୧୨ କି.ମି ଦକ୍ଷିଣରେ ଢେଙ୍କାନାଳ-ଶଙ୍କରପୁର ରାସ୍ତାରେ ସାତଟି ପର୍ବତର ମିଶ୍ରଣ ସ୍ଥଳ ସପ୍ତଶଯ୍ୟା ନାମରେ ପରିଚିତ । ସପ୍ତଶଯ୍ୟାର ଉପର ଭାଗରେ ସାତଟି ପ୍ରସ୍ତର ଏକାଠି ରହିଅଛି । ପ୍ରବାଦ ଅଛି ଦ୍ୱାପରଯୁଗରେ ପାଣ୍ଡବମାନେ ଏହି ସାତଖଣ୍ଡ ପ୍ରସ୍ତର ଉପରେ ସାତରାତି ଯାପନ କରି ବିରାଟ ନଗରୀକୁ ଅଜ୍ଞାତବାସ ପାଇଁ ଯାତ୍ରା କରିଥିଲେ । ତ୍ରେତୟାଯୁଗରେ ରାମ ଓ ଲକ୍ଷ୍ମଣ ମାଲ୍ୟବନ ଗିରି ବିହରଣ କାଳରେ ଏଠାରେ ପର୍ଣ୍ଣଶାଳା ରଚନା କରି ବାସ କରିଥିଲେ ବୋଲି ପୌରାଣିକ କିମ୍ବଦନ୍ତୀ ଅଛି ଏବଂ ଗଲାବେଳେ



ପ୍ରଭୁ ରାମଚନ୍ଦ୍ର ସ୍ନେହରେ ସପ୍ତଶଯ୍ୟା ନାମ ଦେଇଥିଲେ । ପରବର୍ତ୍ତୀ ସମୟରେ ଏଠାରେ ରଘୁନାଥ ମନ୍ଦିର ନିର୍ମାଣ ହୋଇଥିଲା । ପ୍ରତିବର୍ଷ ମଧୁମାସ ଶୁକ୍ଳପକ୍ଷ ରାମ ନବମୀ ଦିନଟି ଏଠାରେ ମହାଆଡମ୍ବର ସହକାରେ ପାଳିତ ହୁଏ । ଊନବିଂଶ ଶତାବ୍ଦୀର ଶେଷଭାଗରେ ସ୍ୱର୍ଗତ ହରିବାବାଙ୍କ ପ୍ରଚେଷ୍ଟାରେ ସପ୍ତଶଯ୍ୟାର ବହୁ ଉନ୍ନତି ହୋଇଅଛି । ସେହି ସମୟରେ ଦୁର୍ଗମ ପଥକୁ ରାସ୍ତା ନିର୍ମାଣ ସହିତ ତଳ ଆଶ୍ରମରେ କଳ୍କୀନାରାୟଣ ମନ୍ଦିର ନିର୍ମିତ ହୋଇଥିଲା ।

ଢେଙ୍କାନାଳର ଏହି ମନୋରମ ପୀଠସ୍ଥଳୀକୁ ବିଶ୍ୱଦରବାରରେ ପ୍ରତିଷ୍ଠିତ କରାଇବା ପାଇଁ ଯେଉଁ କେତେଜଣ ବରେଣ୍ୟ ସାହିତ୍ୟ ସାଧକ ଉଦ୍ୟମ କରିଛନ୍ତି ସେଥି ମଧ୍ୟରୁ କବି ଧ୍ରୁବ ଚରଣ ସ୍ୱାଇଁଙ୍କ ପ୍ରଚେଷ୍ଟା ଅତୀବ ପ୍ରଂଶସନୀୟ ।

କବି ଜନଶ୍ରୁତି ଓ ପୌରାଣିକ କିମ୍ବଦନ୍ତୀ ଆଧାରରେ ସପ୍ତଶଯ୍ୟା ଐତିହକୁ ଚିତ୍ତାକର୍ଷକ ଭାବେ ଉପସ୍ଥାପନା କରିଛନ୍ତି । ସପ୍ତଶଯ୍ୟାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୋହିତ କବି ଏହାର ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ କାବ୍ୟ ମାଧ୍ୟମରେ କରିଥିବା ଭବିଷ୍ୟବାଣୀ ଆଜି ଅନେକ ମାତ୍ରାରେ ପ୍ରମାଣିତ ହୋଇଛି । ସୁଖର ବିଷୟ ଯେ, ଚଳିତ ମାସରେ ଏହି ଖଣ୍ଡକାବ୍ୟର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହେବାକୁ ଯାଉଛି । ଏହିପରି ଅବହେଳିତ ଅବସ୍ଥାରେ ଥିବା କାଳଜୟୀ ଓ କିର୍ତ୍ତୀମୟୀ ଆଧ୍ୟାତ୍ମିକ ପୀଠସ୍ଥଳୀଗୁଡିକୁ ବିଶ୍ୱଦରବାରରେ ପ୍ରତିଷ୍ଠିତ କରିବା ପାଇଁ ବରଣ୍ୟ ସାହିତ୍ୟ ସାଧକମାନଙ୍କ ଭୂମିକା ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହା ସର୍ବଜନ ସ୍ୱୀକୃତ ।

**ଦେବୀ ପ୍ରସାଦ ସ୍ୱାଇଁ**

*****

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଅନ୍ତରଙ୍ଗ ଆଳାପ** | | ୨୦ |
| | **ପଦ୍ୟ ବିଭାଗ** | | |
| ୧. | ନାରୀଶିକ୍ଷା | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୪ |
| ୨. | ସବୁ ମାୟାରେ ବାୟା | ସଂଯୁକ୍ତା ରାଉତ | ୨୬ |
| ୩. | ମାନବୀ | ରିଙ୍କି ପଧାନ | ୩୦ |
| ୪. | ଟାଟା ନେହେରୁଜୀ | ଅନାମ ଚରଣ ସାହୁ | ୩୪ |
| ୫. | ସନ୍ଦେହ | ସରୋଜ ମହାପାତ୍ର | ୩୭ |
| ୬. | ଅନ୍ତରାତ୍ମା | ଶୁଭଶ୍ରୀ ବିରଞ୍ଚି ଦାସ | ୪୧ |
| ୭. | ଅବୁଝା ମନ | ସ୍ମୃତି ସାଗରିକା ମହାନ୍ତି | ୪୩ |
| ୮. | ଅବୁଝା ପ୍ରେମିକା | ଆଶ୍ରିତ୍ ମହାପାତ୍ର | ୪୫ |


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୯. | ଅକୁହା କଥା | ପ୍ରଜ୍ଞା ପଦ୍ମିନୀ | ୪୮ |
| ୧୦. | ବଢ ଆଗ୍ କେ | ଶଶାଙ୍କ ଶେଖର ସାହୁ | ୪୯ |
| ୧୧. | ବେଳାଭୂମି | ଅବିନାଶ ବେହେରା | ୫୧ |
| ୧୨. | ନୀରବତା | ନିରୁପମା ନାୟକ | ୫୪ |
| ୧୩. | ବନାନିକା | ଅମ୍ରିତେଶ ଖଟୁଆ | ୫୬ |
| ୧୪. | ଶୀତ ଆଗମନେ | ନୂତନ କୁମାର ବେହେରା | ୬୧ |
| ୧୫. | ଶ୍ରୀଯୁକ୍ତ ସମାଜ | ବିଦ୍ୟାଭୂଷଣ ବେହେରା | ୬୪ |
| ୧୬. | ତୁମେ ଆସିବ ବୋଲି | ଆଶୁତୋଷ ସ୍ୱାଇଁ | ୬୬ |
| ୧୭. | ମୁଁ ବୃକ୍ଷ କହୁଛି | ହୃଦୟାନନ୍ଦ ପଧାନ | ୭୧ |
| ୧୮. | ବଡ଼ ବିଚିତ୍ର ଏ ମଣିଷ ଜାତି | ତପସ୍ୱିନୀ ଦାଶ ଷଡଙ୍ଗୀ | ୭୪ |
| ୧୯. | ସ୍ୱପ୍ନ ସଫଳତା | କୃଷ୍ଣ ଚନ୍ଦ୍ର ଡାକୁଆ | ୭୮ |
| ୨୦. | ନିଃସଙ୍ଗତା | ସତ୍ୟ ରଞ୍ଜନ ମିଶ୍ର | ୮୧ |
| ୨୧. | ବଦନାମ ପ୍ରେମିକ | ଶିବ ଚରଣ ମହାପାତ୍ର | ୮୭ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୨. | ଟିକ୍ ଟକ୍ ରାଣୀ | ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର | ୯୧ |
| ୨୩. | କାର୍ତ୍ତିକ | ଶ୍ରୀ ଟଙ୍କଧର ଶତପଥି | ୯୩ |
| ୨୪. | ଭୟ | ବିଶ୍ଵନାଥ ନାୟକ | ୯୫ |
| ୨୫. | ତୁମେ | ସୋନାଲି ସ୍ୱାଇଁ | ୧୦୦ |
| ୨୬. | କାହାଣୀ ପସରା | ଶ୍ରୀମତୀ ଚିନ୍ମୟୀ ମିଶ୍ର | ୧୦୩ |
| ୨୭. | ଫୁଲ | ଦମୟନ୍ତୀ କିଶାନ | ୧୦୯ |
| | **ଗଦ୍ୟ ବିଭାଗ** | | |
| ୨୮. | ଶିଶୁ ; ଶ୍ରମିକ ନୁହେଁ | ରୋଜା ପଣ୍ଡା | ୧୧୩ |
| ୨୯. | ପ୍ରତିଶ୍ରୁତି | ତପସ୍ୱିନୀ ଦାଶ ଷଡଙ୍ଗୀ | ୧୧୯ |
| ୩୦. | ଜୀବେଦୟା ଏବଂ ତା'ର ସୁରକ୍ଷା | ଶିବ ଚରଣ ମହାପାତ୍ର | ୧୩୧ |
| ୩୧. | ତୁମ ଉତ୍ତର ଅପେକ୍ଷାରେ | ଲିପ୍ସା ଆଚାର୍ଯ୍ୟ | ୧୩୭ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୨. | ଆଉ ଇଚ୍ଛା ନାହିଁ | ରାଜେଶ କୁମାର ବାରିକ | ୧୪୦ |
| ୩୩. | ସତରେ ବୋଉଜଣେ ଭିନ୍ନ ସ୍ୱାଦର ମଣିଷ | ସରୋଜ ମହାପାତ୍ର | ୧୪୩ |
| ୩୪. | ଗୋଲାମଗିରି | ଦୀପକ କୁମାର ଷଡଙ୍ଗୀ | ୧୪୯ |


*****

# ଅନ୍ତରଙ୍ଗ ଆଳାପ



## ସଂକ୍ଷେପରେ କବିୟତ୍ରୀ...

**ନାମ : କ୍ଷୀରୋଦିନୀ ବେହେରା**

**ଡାକ ନାମ :** ସ୍ୱପ୍ନା

**ଜନ୍ମ ତାରିଖ :** ୧୧ ଫେବୃୟାରୀ

**ଠିକଣା :** ଭୁବେନେଶ୍ୱର

**ଶିକ୍ଷା :** ଏମ୍ .ଏ ଇନ୍ ଓଡ଼ିଆ,

ଏମ୍ .ଏ ଇନ୍ ଏଜୁକେସନ୍( ପି ଏଚ୍ ଡି)

ରାଷ୍ଟ୍ରଭାଷା ରତ୍ନ

**ବୃତ୍ତି :** ଅଧ୍ୟାପିକା

**୧. ପ୍ରିୟ ପୁସ୍ତକ :** ଗୀତା ।

**୨. ପ୍ରିୟ ଲେଖକ/ଲେଖିକା :** ପ୍ରତିଭା ରାୟ ଓ ରମାକାନ୍ତ ରଥ ।

**୩. ରଚିତ ପୁସ୍ତକ :** ସକାଳର ଅପେକ୍ଷାରେ, ପ୍ରୀତି ଶ୍ରାବଣ, ନିଃସଙ୍ଗ ନାୟିକା, ଅସ୍ତ ଚନ୍ଦ୍ରମା, ନିଜକୁ ଖୋଜିବାର ବେଳେ, କ୍ଳାନ୍ତ ଅପରାହ୍ନ ଓ ନୀରବ ଯନ୍ତ୍ରଣା ।

**୪.ପୁରସ୍କାର/ସମ୍ମାନ:** ପୂର୍ବାଶା ସାହିତ୍ୟ ସମ୍ମାନ, କଥା ଓ କଥାକାର ସମ୍ମାନ, ପ୍ରାଚୀଧାରା ପରମାନନ୍ଦ ସ୍ମୃତି ସମ୍ମାନ, କୋଣାର୍କ ପବ୍ଲିକେଶନ ସାହିତ୍ୟ ସମ୍ମାନ, ମନସ୍ୱିନୀ ସାହିତ୍ୟ ସମ୍ମାନ, ରାଜ୍ୟ ଅଭିଲେଖାଗାର ସମ୍ମାନ, କୁଞ୍ଜକଳିକା ସାରସ୍ୱତ ସମ୍ମାନ, ପ୍ରଫୁଲ୍ଲ ଗୌରବ ସ୍ମୃତି ସମ୍ମାନ, ଅହିଂସା ପୁରସ୍କାର ୨୦୧୯, ରାଜ୍ୟ କଳା ଗବେଷଣା ପରିଷଦ ପକ୍ଷରୁ କବିତା ସମ୍ମାନ ।

**୫.ଆପଣଙ୍କ ପ୍ରେରଣାର ଉତ୍ସ :** ମୋ ଜେଜେବାପା, ଜେଜେମା ଓ ମୋ ଗାଁର ଅସହାୟ ମଣିଷଙ୍କ ଦୁଃଖ ହିଁ ମୋ ପ୍ରେରଣା ।

**୬.ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ବିଷୟରେ ସମ୍ୟକ ବିବରଣୀ :** ଯଦିଓ ପିଲାଟି ବେଳରୁ ଲେଖାଲେଖି ପ୍ରତି ଆଗ୍ରହ ରହିଥିଲା ତଥାପି ମୁଁ କବିତା କି ଗଳ୍ପଟିଏ ଲେଖିକି କାହାରି ଆଗରେ ମୋ ମନ କଥା ସାବ୍ୟସ୍ତ କରି ପାରୁନଥିଲି କିନ୍ତୁ ଲେଖୁଥିଲି । ପରେ ପରେ ସମ୍ବାଦ ପତ୍ର ପତ୍ରପତ୍ରିକାରେ ମୋ ଲେଖା ପ୍ରକାଶ ପାଇବାପରେ

ମୋ ବାପା, ମା, ଶିକ୍ଷକ-ଶିକ୍ଷୟତ୍ରୀ ଏବଂ ମୋ ସ୍ୱାମୀ ଖୁବ୍ ଉତ୍ସାହ ଦେଇଛନ୍ତି ।

**୭. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :**

ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି ବେଶ୍ ସୁଦୃଢ ମନେହୁଏ । କବି ଲେଖକଙ୍କ ସଂଖ୍ୟା ଖୁବ୍ ବଢି ଚାଲିଛି । ଯଦି ପାଠକ ନ ଥାନ୍ତେ କବିଟିଏ ଏତେ ଲେଖନ୍ତା କାହିଁକି ?

**୮. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ସମୟ ଥିଲା ଡାକରେ ଲେଖା ପଠା ହେଉଥିଲା, ପ୍ରକାଶ ପାଇବା ପାଇଁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡୁଥିଲା, ପୁଣି ସେ ଲେଖା ଲେଖକ ପାଖରେ ପହଞ୍ଚିବ ନ ପହଞ୍ଚିବ ତା'ର ଠିକ୍ ନାହିଁ କିନ୍ତୁ ଏବେ ଇ-ପତ୍ରିକା ମାଧ୍ୟମରେ ଯେଉଁ ଲେଖା ସବୁ ପ୍ରକାଶ ପାଉଛି କମ୍ ସମୟ ଭିତରେ ଦେଶ ଦୁନିଆଁ ସମସ୍ତେ ପଢି ପାରୁଛନ୍ତି ନିଜ ନିଜ ମତାମତ ରଖିପାରୁଛନ୍ତି । ତେଣୁ ଏତିକି କହିବି ଏଇ ଇ-ପ୍ରେରଣା ପତ୍ରିକା ଏମିତି କବି ଲେଖକଟିଏକୁ ଆଗକୁ ଆଣୁଥାଉ, ଦେଶ ଦୁନିଆଁରେ ଚିର ସ୍ମରଣୀୟ ହୋଇ ରହିଥାଉ ।

*****

# ପଦ୍ୟ ବିଭାଗ

*" ଏନ୍ତୁଡି ନିଆଁରୁ ଆରମ୍ଭ ଜୀବନ*
*ଜୁଇର ନିଆଁରେ ଶେଷ ।*
*କେତେବେଳେ ଦିଏ ଅସୁମାରି ଲୁହ*
*କେବେ ଦେଉଥାଏ ହସ ॥ "*

***ତପସ୍ୱିନୀ ଦାଶ ଷଡଙ୍ଗୀ***

# ନାରୀଶିକ୍ଷା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

ପତିସେବା ବିନା ତୀର୍ଥ ଦରଶନ
ବିଫଳ ହୁଅଇ ସିନା ।
ଯେତେଭଲ ହେଉ ସତୀ ନ ବୋଲାଏ
ନାରୀ ପତିସେବା ବିନା ।
ଶତ ଅଶ୍ୱମେଧ- ଯଜ୍ଞ ଫଳମାନ
ଅଛି ପତିସେବା ମୂଳେ ।
ନ ଜାଣି ଜଗତ- ନାରୀମାନେ ବୃଥା
ପଶନ୍ତି ଦିଅଁ ଦେଉଳେ ।
ପତିଙ୍କର ପ୍ରୀତି ନ ଥାଏ ଯହିଁରେ
ଯେ କରଇ ସେହି କର୍ମ ।

ଅତି ପାପାଚାରୀ ଅଟଇ ସେ ନାରୀ

ଛାଡଇ ତାହାକୁ ଧର୍ମ ।

ନିରନ୍ତରେ ପତି ସନ୍ତୋଷ ଲଭନ୍ତି

ଦେଖି ଯା' ବ୍ୟବହାର ।

ଧନ୍ୟ ସେହି ନାରୀ ସତୀତ-ନାବରେ


ଭବସିନ୍ଧୁ ହୁଏ ପାର ।

*****

ଜହ୍ନିତଇଲା, ଢେଙ୍କାନାଳ

# ସବୁ ମାୟାରେ ବାୟା

ସଂଯୁକ୍ତା ରାଉତ



ମାୟାରେ ମୋହିତ    ହୋଇରେ ମନୁଆ
କରୁ କେତେ ଅପକର୍ମ
ଭୁଲି ତୁ ଗଲୁ କି    କର୍ମ ଗଢ଼େ ଭାଗ୍ୟ
ଏଇତ ନିୟତି ଧର୍ମ ||

ଯେତେ ଯେତେ    ପାପ ଅରଜୁଛୁ ମନ
ଦେଖାଇଣ ଟାଣ ପଣ
ବାଁ ହାତର କର୍ମ    ଡାହାଣ ନିଏନା
ଏକଥାଟି ସତ୍ୟ ଜାଣ ||

କର୍ମ-କର୍ତ୍ତବ୍ୟର ଆଳକୁ ଦେଖାଇ
ଧର୍ମେ ମାରି ଆଖି ଠାର
ଅଭୀଷ୍ଟ ସାଧନେ ଥାଉ ତତପର
ଆଚରିଣ ପାପାଚାର ॥

ଠକିବାକୁ ଚାହୁଁ ସାରା ଦୁନିଆଁକୁ
ସବୁକୁ ବନାଇ ବୋକା
କଳାକର୍ମ ତୋର ଅଟେ ଭାଗ୍ୟଫଳ
ଭୋଗିବୁ ତୁ ଏକାଏକା ॥

ମୋରମୋର କହି ବାହାସ୍ଫଟ ମାରି
ଭୁଲି ମାନବୀୟ ଧର୍ମ
ଯଶ ଲଭିବୁ କି ଭାବିଛୁ ମନରେ
ହୀନ ହେଉ ପଛେ କର୍ମ ॥

ଯଶଧନ ମାନ ଅବା ଯଉବନ
ନୁହେଁ କିଛି ଚିରସ୍ଥାୟୀ
ତୁଚ୍ଛା ମିଛ ଗର୍ବ ଅହଂକାର ଧରି
ମିଛେ ହେଉ ସିନା ବାଇ ॥

ଭୁଲି ପ୍ରଭୁ ନାମ ହୋଇ ମୋହାଚ୍ଛନ୍ନ
ମିଛ ସୁଖ ଶାନ୍ତି ଚାହୁଁ
ଲୋଭ-ମୋହ ପଙ୍କେ ପଡ଼ି ହେଉ ଘାଣ୍ଟି
ମୁକତି ଲଭିବୁ କାହୁଁ ॥

କୋଟି ଜନମର ପୁଣ୍ୟଫଳ ବଳେ
ମିଳଇ ମାନବ ଜନ୍ମ
ସବୁ ଜାଣି ମନ ହେଉ ତୁ ଅବୁଝା
ତୁଟୁନାହିଁ ମିଛ ଭ୍ରମ ॥

ଟଙ୍କା ସୁନା ଯଶ        ଦିଏ କିରେ ଶାନ୍ତି
ମୁକତି ଦିଏ କି କେବେ
ନେଡ଼ି ଗୁଡ଼ ବୋହି      କହୁଣୀକୁ ଗଲେ
ଆଉ କି ବୁଝିବୁ ସେବେ ॥

ବେଳହୁଁ ରେ ମନ       ହୁଅ ସାବଧାନ
ନ ହୋଇ ମାୟାରେ ଅନ୍ଧ
ଶାଶ୍ୱତ ସତ୍ୟକୁ        ନେଇ ଆପଣାଇ
ତାଙ୍କ ସଙ୍ଗେ ବାନ୍ଧ ବନ୍ଧ ॥

*****

ଜୟପୁର, କୋରାପୁଟ

# ମାନବୀ

ରିଙ୍କି ପଧାନ

ମୁଁ ହସିଲେ ମନଖୋଲି
ତୁମେ କହିବ ଅଲକ୍ଷଣୀ
ହସିଲେ ଛେପ ଗିଳି
ତୁମେ କହିବ ସଂସ୍କାରୀ ॥

ମୁଁ ଚାଲିଲେ ଅନ୍ଧାରେ
ତୁମେ କହିବ ଅଲାଜୁକୀ
ଲୁଚିଗଲେ ଅନ୍ଧାରେ
ତୁମେ କହିବ ଲଜ୍ୟାବତୀ ॥

ମୁଁ କାନ୍ଦିଲେ ଶବ୍ଦକରି
ତୁମେ କହିବ ନାଟକ
କୋହକୁ ଚାପି ଧରିଲେ
ତୁମେ କହିବ ଶିଷ୍ଟାଚାର ॥

ମୁଁ ଚଢିଲେ ଗଛ
ତୁମେ କହିବ ଅଣ୍ଡିରାଚଣ୍ଡୀ
ପାଦରେ ମୁଣ୍ଡ ନୂଆଁଇଲେ
ତୁମେ କହିବ ଅହି-ସୁଲକ୍ଷଣୀ ॥

ମୁଁ ନାଚିଲେ ନିଜ ପାଇଁ
ତୁମେ କହିବ ଛି-ଛି...
ନାଚିଲେ ଦେବଦାସୀ ହୋଇ
ତୁମେ ମାରିବ ତାଳି ॥

ମୁଁ ଗାଇଲେ ମଞ୍ଚରେ ଗୀତ
ତୁମେ କହିବ ଲଜ୍ଜ୍ୟାହୀନା
ତୁଳସୀ ଚଉରାରେ ଆରତୀ ଦେଲେ
ତୁମେ କହିବ ସର୍ବଗୁଣସମ୍ପନ୍ନା ||

ମୁଁ ଫେରିଲେ ବାପଘର
ତୁମେ କହିବ ଦୋଚାରୁଣୀ
ନଫେରି ହୋଇଲେ ପାଉଁଶ
ତୁମେ କହିବ ସବୁ ନିୟତି ||

ତୁମେ କହିଛ, ମୁଁ ଶୁଣିଛି
ତୁମେ ଗଢିଛ, ମୁଁ ସାଜିଛି
'ତୁମେ' ଓ 'ମୁଁ' ଭିତରେ
କେବଳ ଏତିକି ପ୍ରଭେଦ
ତୁମେ ରହିଗଲ 'ତୁମେ' ହୋଇ

ହେଲେ, 'ମୁଁ' ଆଉ ମୁଁ ହୋଇ ନାହିଁ ॥

ନାରୀ, ଜାୟା, ଜନନୀ, ଭଗିନୀ,

ପ୍ରେମିକା, ଦେବୀ ପଥ ଦେଇ

ମୁଁ ଏବେ ସଂପୂର୍ଣ୍ଣ ମାନବୀ... ॥

*****

ଗ୍ରାମ - ନାଇକେନପାଲି,
ପୋଷ୍ଟ - କାଦୋବାହାଲ,
ଜିଲ୍ଲା- ବରଗଡ଼, ପିନ- ୭୬୮୧୦୨




# ଚାଚା ନେହେରୁଜୀ

ଅନାମ ଚରଣ ସାହୁ

ଶିଶୁ ହୃଦୟର ତୁମେ ସୌଦାଗର
ଭାବ ରାଇଜ ନାୟକ
ସ୍ୱଦେହକୁ ଧରି ଆସ ଅବତରି
ବାଣ୍ଟିବା ଅସରା ସୁଖ ।

ଶିଶୁ ଯେ, ଆଜିର ଆଗାମୀ ଭବିଷ୍ୟ
ପ୍ରଗତିର କର୍ଣ୍ଣଧାର
ବୁଝିଥିଲ ସିନା ଆହେ ମହାମନା
ଯୋଗ୍ୟ ସୁତ ଭାରତର ।



କାରାଗାରେ ଥାଇ ଦେଶ ରକ୍ଷା ପାଇଁ

ହୃଦେ ଜାଳି ଦେଶପ୍ରେମ

କେତେ ଶିକ୍ଷଣୀୟ ବାଣୀ ଲେଖିଥିଲ

ଇନ୍ଦିରା ପିତା ମହିମ ।

ଇଂରାଜୀ ଭାଷାର କରିଲ ଆଦର

ବିଜ୍ଞାନେ ଦକ୍ଷତା ପାଇଁ

ଆଜି ଫଳପ୍ରଦ ଦେଶ ଅଗ୍ରସର

ବିଦେଶୀ ଜଳକା ଚାହିଁ ।

ଖାଦ୍ୟ ବିନା କେହି ଭୋକିଲା ନୁହଁଇ

ନାହିଁ ଅରି ଡର ଭୟ

ତ୍ରିରଙ୍ଗା ଉଡଇ ଫରଫର ହୋଇ

ମହାକାଶ କରି ଜୟ ।

ଶୁଭ ଜନ୍ମଦିନ କରିଛ ଉତ୍ସର୍ଗ


ଶିଶୁଙ୍କ ଆନନ୍ଦ ପାଇଁ

ଘେନ ଶ୍ରଦ୍ଧାଞ୍ଜଳି ଚାଚା ନେହେରୁଜୀ

ହୃଦୟରେ ଥିବ ରହି ।


*****

ବିଭୁତିପୁର, କାକଟପୁର, ପୁରୀ



# ସନ୍ଦେହ

ସରୋଜ ମହାପାତ୍ର



ସନ୍ଦେହ ଆସିଲେ ମଣିଷ ମନକୁ
ସମ୍ପର୍କକୁ ଭାଙ୍ଗି ଦିଏ,
ସୁନ୍ଦର ସ୍ୱପ୍ନକୁ ଉଜାଡ଼ି ଦେଇ
ଦୁଃଖ ଖାଲି ଯାହା ଦିଏ ।

ସନ୍ଦେହ ହେଉଛି କାଳର ସ୍ୱରୂପ
ସର୍ବଦା ସେ ଭୟଙ୍କର,
ଦୁଃଖ ଦେବା ପ୍ରକୃତି ତା'ର
ଦିଏ ରୁକ୍ଷ ବ୍ୟବହାର ।

ସନ୍ଦେହ ନଥିଲେ ସମ୍ପର୍କ ସର୍ବଦା
ଚିରସ୍ଥାଇ ହୋଇ ରୁହେ,
ସନ୍ଦେହ ଆସିଲେ ମନଭିତରକୁ
ସବୁ କିଛି ସରିଯାଏ ।

ସନ୍ଦେହ ପାଇଁ ପ୍ରଭୁ ରାମଚନ୍ଦ୍ର
ମାତା ସୀତାଙ୍କୁ କରିଲେ ପର
କେତେଯେ ସମ୍ପର୍କ ଉଜୁଡି ଯାଏ
କିଏ ହିସାବ ରଖିବ ତା'ର ?

ସନ୍ଦେହ ମହତ୍ତ୍ୱ ସତରେ ରହସ୍ୟ
ସହଜରେ ବୁଝି ହୁଏନା,
ଦେଖି କରି ତା'ର କାୟା ବିସ୍ତାରକୁ
କହି ହୁଏନା କି ସହି ହୁଏନା ।

କ'ଣ ପାଇଁ ସବୁକିଛି ଜାଣି
ମଣିଷ ସନ୍ଦେହ କରେ ?
ମଧୁର ସମ୍ପର୍କ ଦୂରେ ଫିଙ୍ଗିଦେଇ
ଘୃଣାକୁ ନିଜର କରେ ।

ସନ୍ଦେହକୁ ଭୁଲି ଭରସା କରିଲେ
ସମ୍ପର୍କ ହୁଏ ସୁଦୃଢ,
ହସ ଖୁସିରେ ଜୀବନ ବିତେ
ମିଳେ ଶାନ୍ତି ଚିର କାଳ ।

ଭରସା ବିଶ୍ୱାସେ ସଂସାର ଚାଲୁଛି
ଭରସା ସୃଷ୍ଟିର ମୂଳ,
ସୃଷ୍ଟିରେ ଏମିତି କିଛି ଶକ୍ତି ନାହିଁ
ଭାଙ୍ଗିବ ଭରସା ବଳ ।


ଭରସାର ଶକ୍ତି ସତରେ ସୁନ୍ଦର
ଏକ ଅନୁପମ ଅନୁଭୂତି,
ଏତିକି ଜାଣିଚି ଭରସା କରିଲେ
ମିଳେ ଖାଲି ଆତ୍ମତୃପ୍ତି
ମିଳୁଥାଏ ଖାଲି ଶାନ୍ତି ।

*****

ଯଶୋବନ୍ତପୁର , ଜଗତସିଂହପୁର

# ଅନ୍ତରାତ୍ମା

ଶୁଭଶ୍ରୀ ବିରଞ୍ଚି ଦାସ



ଖୁବ୍ କମ୍ ସମୟ ଭେଟରେ ବି
ସାଇତି ନେଲି ହୃଦୟରେ...
ତୁମ ହସ ହସ ଚେହେରାଟିକୁ
ଆଙ୍କି ଦେଲି ମୋ ମନ ଆଇନାରେ....
ସ୍ମୃତି ତୁମେ ଲୁଚକାଳି ଖେଳିବ କେମିତି ?
ନିଆରା ଅନୁଭବକୁ ମୋର,
ମାନସପଟ୍ଟରୁ ଶବ୍ଦର ଭାବାଙ୍କନରେ,
ସମର୍ପି ଦେଲି ତୁମ ନାମରେ....
ତୁମେ ଚିରସବୁଜ, ମୋର ସ୍ମୃତିପଟ୍ଟରେ.....

ଆନମନା ମନ ମୋର ହଜିଯାଏ ବେଳେ ବେଳେ,

ଜୀବନର ଲକ୍ଷ୍ୟ ଖୋଜୁ ଖୋଜୁ ବାଟବଣା ହୋଇ,

ଗୋଡ଼ ଖସି ଯାଏ ନକାରାତ୍ମକତାର ଶିଉଳିରେ...

କିନ୍ତୁ ସଳଖି ଛିଡ଼ା ହୋଇଯାଏ ପୁଣି,

ତୁମର ସ୍ନେହ ଭରା କେତେ ଗୋଟି ବାକ୍ୟ ବିନିମୟରେ,

ନକାରାତ୍ମକ ଚିନ୍ତା ଭୁଲି ହୋଇଯାଏ,

ରାତ୍ରିର ଦୁଃସ୍ୱପ୍ନ ହୋଇ...

ସକାରାତ୍ମକ ସୂର୍ଯ୍ୟ ଉଇଁ ଆସେ,


ଆଗକୁ ମାଡ଼ି ଯିବାର ଆସ୍ପୃହା ନେଇ...

*****

ସି.ଡି.ଏ, କଟକ

# ଅବୁଝା ମନ

ସ୍ମୃତି ସାଗରିକା ମହାନ୍ତି



କେଉଁ ଧାତୁରେ ଗଢ଼ା ଯେ ତୁମେ ?
ମିଳନର ଆବେଗ ତୁମକୁ ଜଣା ନାହିଁ
କଣ ତୁମେ ଯନ୍ତ୍ର ଚାଳିତ ?
ସମ୍ପର୍କ କ'ଣ ଜଣା ନାହିଁ...
କେମିତିକା ଆପଣାର ତୁମେ ?
ତୁମ ଭଲପାଇବା କ'ଣ ଖାଲି ଆପଣାରେ ସୀମିତ ?
ତଥାପି ସେଇ ଆପଣାକୁ ଆପଣେଇ ନେଇ
ତୁମକୁ ଆପଣାର ଭାବି
ସେ ଅଦେଖା ରୂପକୁ
ନୀଳ ସାଗରର ରୂପଦେଇ
ମିଠା ମିଠା ଶବ୍ଦରେ କବିତାର ରୂପଦେଇ

ସୁନ୍ଦର ତୁଳୀ ମୁନରେ ଆଙ୍କିବାକୁ ଚେଷ୍ଟା କଲି

ତୁମ ପ୍ରତିଛବି...

କେମିତି ବୋକା ମୋ ମନ ?

ସୁନ୍ଦର ତୁଳି ମୁନରେ ନା କବିତାର ଭାଷାରେ

ଆପଣାର ଭଲ ପାଇବାକୁ ଆଙ୍କି ପାରିବି...

ଛବିର ଚେଷ୍ଟାରେ ବିଫଳ ହେଇ

ଚାହିଁ ରହିଲି ତୁମ ସହ ମିଳନର ବାଟ

ଏତେ ସ୍ୱାର୍ଥପର କେମିତି ଯେ ତୁମେ

ବୁଝେଇ ପାରିଲନି ଦୂରତା ଭିତରେ ଥିବା ଭଲ ପାଇବା

କେମିତି ଅବୁଝା ମୋ ମନ ବୁଝି ପାରିଲାନି

ତୁମ ଅବୋଧ ମନର ଭାଷା

କେମିତି ନିର୍ବୋଧ ମୋ ଆଖି ଯେ

ବୁଝିପାରିଲାନି ଅଦେଖା ତୁମ ନୀଳ ଆଖିର ଗହନ ଆଶା....

***** ବ୍ରାହ୍ମଣଡ଼ିହି, ବାଲିକୁଦା,

ଜଗତସିଂହପୁର

# ଅବୁଝା ପ୍ରେମିକା

ଆଶ୍ରିତ୍ ମହାପାତ୍ର

ମୋ ଜୀବନେ ଆଉ ତୁମେ ନାହଁ ପ୍ରିୟା

ଆଉ କାହା ହୃଦୟର ।

ପ୍ରତାରଣା ବୋଲି ଜଣାଇ ଦେଲା ସେ

ଅମାନିଆ ପ୍ରେମ ମୋର ॥

ହୃଦୟ ମଲାଟେ ସାତ ରଙ୍ଗ ଢାଳି

ଯେବେ, ଆଙ୍କିଲି ଛବି ତୁମର ।

ଭୁଲ୍ ବୋଲି କହି ଚିରି ଦେଲା ଆଜି

ସୁନେଲି ନିଦ୍ରାଟା ମୋର ॥

ତୁମ ପାଇଁ ଯେବେ ଗୋଲାପ ତୋଳିଲି

ପ୍ରେମ ବଗିଚାରୁ ମୋର ।

ଲୁହ ଝରାଇଲା ଗୋଲାପ ଫୁଲଟା

ଫୁଟାଇଲା କଣ୍ଟା ତା'ର ॥

ଜହ୍ନକୁ ମାଗିଲି ଚାନ୍ଦିନୀ ଟିକିଲି

ତୁମ ପାଇଁ ରୁଣୁ ଝୁଣୁ ଚୁଡ଼ି ।

ଅନାମିକା ମୋର ବିରହୀ ସ୍ପନ୍ଦନ

ମତେ ପିନ୍ଧାଇଲା ହାତ କଡ଼ି ॥

ସାତ ଫଗୁଣରେ ତୁମ ନାଁ ସାଥେ

ଲେଖିଲି ନାଁ ଟି ମୋର ।

କିଏ ଲିଭେଇଲା ମୋ ଦୁଇ ନାଁକୁ

ଲେଖିଦେଲା ନାଁ ତା'ର ॥

ପ୍ରଥମ ଦେଖାରୁ ଭଲପାଉଥିଲି
ତୁମକୁ ମୁଁ ପ୍ରିୟା କେତେ ।
ଲାଜେ ଲାଜେ କିଛି କହି ନ ପାରିଲି
ଟିକେ, ବୁଝିପାରିଲନି ମତେ ॥

କଷ୍ଟ ଲାଗେ ଏହି ହୃଦୟକୁ ମୋର
ଆଜି, ଲେଖୁଛି ମୁଁ ଡ଼ାଏରୀରେ ।
ସଚ୍ଚା ପ୍ରେମିକାଟେ ହୋଇଥିଲେ ତୁମେ
ବୁଝିବ ଶାୟରୀ ଥରେ ॥

*****

ଟାଙ୍ଗି, ଖୋର୍ଦ୍ଧା

# ଅକୁହା କଥା

ପ୍ରଜ୍ଞା ପଦ୍ମିନୀ

ଜୀବନର କୋରା କାଗଜରେ

ଛାପି ହୋଇଯାଏ କିଛି ଅଭୁଲା ସ୍ମୃତି....

ଖୁସି ଚାଲିଯାଏ, ଦୁଃଖ ଆସିଯାଏ

ଆଖିର କୋଣରେ ରହିଯାଏ,

ଅସୁମାରି ଲୁହର ସାଥୀ..

ଚାଲିବାକୁ ସିନା ପଡିଥାଏ ପଥ ଅନେକେ,

କିନ୍ତୁ ଆମେ ଚାଲିଥାଉ କଣ୍ଟାର ରାସ୍ତାରେ,

ଯୋଉଠି ଥାଏ ଦୁଃଖ ଅନେକ..

ପୁରୁଣା ସ୍ମୃତିକୁ ସାଇତି ଧରି,

ଲୁହରେ ଭିଜି ଯାଏ ଆଖି !



*****

ନାଲିବାର, ଜଗତସିଂହପୁର

# ବଢ ଆଗ୍ କେ

ଶଶାଙ୍କ ଶେଖର ସାହୁ

ଧରତୀ ହଲେ ପବନ୍ ଚଲେ
ନଏଦ୍ ଆକାଶ୍ ଗର୍ଜୁଛେ,
ଦିହେ ତାକତ୍ ଗରମ୍ ରକତ୍
ଛିରେଁ ଛିରେଁ ନର୍ଦୁଛେ ।

ବନ୍ଧୁକ୍ ଉଠା ଗୁଲି ଫୁଟା
ଆଗାଡୁଁ ଯିଏ ଦଉଡୁଛେ,
ଫିଙ୍କ୍ ବମ୍ ଧମ୍ ଧମ୍
ମାଁ ଆଡକେ ଯିଏ ଶୁହୁଡୁଛେ ।



ମୁର୍ଗ ନଜର୍ ସିଂହର୍ ବଜର୍
ମେଢା ଲେଖେଁ ଗୋଠ୍ ଧରି,
ଶତ୍ରୁ ପାଖ୍ କେ ବଢ୍ ଆଗ୍ କେ
ପିଠି ଗୁଲି ନେଁ ଆଏବୁ ଧରି ।

ପକା କିରୁଆ ମରି ମାରିଆ
ଶତ୍ରୁ ଗିରା ଶହଜାର୍,
ଭାରତୀ ନନ୍ଦନ୍ ତୋର୍ ବନ୍ଦନ୍
ସାଙ୍ଗେ ହେବା ମାଁର୍ ଧଜାର୍ ।

ଗୋଡ୍ ନେଁ ଅଟକୁ ତୋଡ୍ ନେଁ ଲଟକୁ
ଦମ୍ ନେଁ ସଟକୁ ସମ୍ କୁଁ ପଟକୁ,
ଗୋଟ୍ ଗୋଟ୍ ଗଟକୁ ବଏରି ଛଟକୁ
ସମ୍ମାନ୍ ଝଟକୁ ଫିରା ଘଟକୁ ।

*****

ତବଡା ,ବରଗଡ

# ବେଳାଭୂମି

ଅବିନାଶ ବେହେରା

ବେଳାଭୂମି ଆଜି ନିସ୍ତବ୍ଧ କାହିଁକି
କିଏ ବା ନଜର ରଖିଛି,
ସମୁଦ୍ରର ଅଶାନ୍ତ ରୂପ ଆଜି କାହିଁ ଶାନ୍ତ ଜଣାପଡୁଛି,
ବେଳାଭୂମିର ଜନଗହଳି ଭିତରେ
ନିଜେ ନିଜକୁ ଖୋଜି ଚାଲିଛି ।
ବେଳାଭୂମିରେ ଛିଡାହୋଇ
ଅମ୍ବର ଆଉ ସାଗରର ମହାମିଳନକୁ ଲକ୍ଷ୍ୟ କରୁଛି,
ଦେଖି ଦେଖି ମନେ ସନ୍ଦେହ ଆସୁଛି
ତାହା କ'ଣ ବାସ୍ତବ ଯାହା ଦିଶୁଛି,

ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି
ଅସମ୍ଭବ କେବେ କ'ଣ ସମ୍ଭବ ହୋଇଛି ।
ବେଳାଭୂମିର ବାଲିଘର,
କେବଳ ଅଳ୍ପ କିଛି ସମୟର,
ତଥାପି ଗଢିବା ଲୋକ ଗଢେ ଯତ୍ନରେ,
ମଣିଷର ପରମାୟୁ କିଛି ଦିନର,
ଆଶା ଥାଏ ଅନେକ ଦିନ ବଞ୍ଚିବାର,
ସମୟର ଗତିରେ ଜୁଆର ଭଟ୍ଟାର କ୍ରମରେ
ଜୀବନର ଗତି କ୍ଷୀଣ ହୁଏ ଧିରେ ଧିରେ ।
ବେଳାଭୂମି ଆପଣାର କରେ
ଉଗ୍ର ରୂପ ବାରିଧିର,
ତାରି କୋଳରେ ଖେଳିବାକୁ ଦିଏ
ନ ହୋଇ ଅଧିର,
କରିଚାଲେ ସଦା କ୍ଷମା ଚପଳାମିକୁ ତାର,

ତାରି ନିକଟରେ ରହି

ତାକୁ କରୁଥାଏ ଅବଲୋକନ,

ଏମିତିକା ସବୁଦିନେ ବିତିଯାଏ ଦିନ ।

*****

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ,
ମୟୂରଭଞ୍ଜ






ସପ୍ତଶଯ୍ୟା ଗିରି ଅତି ମନୋରମ
ନୀଳ ଅଙ୍ଗ ଯା'ର ବିଶ୍ୱେ ଅନୁପମ ।
ନିଖିଳ ଉତ୍କଳ ପୁଣ୍ୟ-ଗଉରବ
ସ୍ତୂପାକାରେ ଯହିଁ ତୁମ୍ଭେ ନୀଳନଭ ॥

ଧ୍ରୁବତାରା ପବ୍ଲିକେଶନସ୍

# ନୀରବତା

ନିରୁପମା ନାୟକ



ନୀରବତା...ଏକ ଗମ୍ଭୀର ବାର୍ତ୍ତା

ନୀରବତା...କୁହେ ଅନେକ କଥା ।

କେବେ ସେ ମନର କଷ୍ଟକୁ ବୁଝାଏ

ତ କେବେ ହୃଦୟରେ ଥିବା ଖୁସିକୁ ଲୁଚାଏ,

ନୀରବତା ଆସେ ଯେବେ କହି ହୁଏନି ମନର ବ୍ୟଥା

ନୀରବତା... ଏକ ଅସରନ୍ତି ଗାଥା ।

ନିଜେ ନିରବ ହେଲେ ଜିତିହୁଏ ମନର ବ୍ୟାକୁଳତା

କିନ୍ତୁ ଅନ୍ୟର ନୀରବତା ବଢ଼େଇ ଦିଏ ଜାଣିବାର ଆତୁରତା

ନୀରବତା... ଜୀବନର ଏକ ଅଦ୍ଭୁତ ପ୍ରଥା ।

ଶବ୍ଦ ତ ପ୍ରକାଶ କରିଦିଏ ମନର କଥା

ଯାହା ଲୁଚି ଛପି ଯାଏ, ହୃଦୟର ଗହୀର କୋଣରେ

ସେ ପାଲଟି ଯାଏ... ନୀରବତା ।

*****

ରାଜଗାଙ୍ଗପୁର, ସୁନ୍ଦରଗଡ

# ବନାନିକା

ଅମ୍ରିତେଶ ଖଟୁଆ

ରାଗ : ଚୋଖି

ପୂର୍ବାଳି-ରଞ୍ଜିତ-ପ୍ରଭା ନିହାର-ଗଞ୍ଜିତ-ଶୋଭା

ନିକୁଞ୍ଜନ-ଆଭା ତୁଲେ ଶୋହେ ପ୍ରଭାତ,

ନିମୀଳିତ-ଚକ୍ଷୁ-ସମ ଭ୍ରୂକୁଟୀ-ସଜ୍ଜିତ-ଲୋମ

ରୋମନ୍ଥନ ବକ୍ଷେ ଯେହ୍ନେ ହୁଏ ନିମିତ୍ତ,

ଦେଖ ତୀର୍ଥ ହେଲା ବିକଚ

ରବି ଯେବେ ତାପ-କରେ ବିନ୍ଧେ ନାରାଚ ।୧।

ବିରଳ ନଭକୁ ଚାହିଁ ବେଦନା ବିଞ୍ଛିଲେ ବିହି

ସଞ୍ଚିତ-ଅଧର-ବିମ୍ବେ ସୁଖ-ଆସ୍ୱାଦ,

ତଟିନୀ-ଶଙ୍କିତ-ବାମା ପ୍ରଗଲ୍ଭ ଶୁଭାଙ୍କ-ସୀମା

ବିନିଦ୍ର-ରାଜୀବ ତୁଲେ ଭାଙ୍ଗଇ ଖେଦ,

ସାମରଥା ଶୁଭ-ପଲ୍ଲବ

ଅସୁମାରୀ କୁସୁମରେ ସୁଷମ-ଭବ ।୨।

ବୃକ୍ଷଡାଳେ ସୁଖେ ଶୁକ ତଟିନୀର ତଟେ ପିକ

ଉପବେଶି ଗାଉଛନ୍ତି କି କଳରବେ,

"ପଞ୍ଚବଟୀ" ନୁହେଁ ଏହା କି ଅର୍ଥେ ଆସିଲା ଯାହା

ସକଳ ସଂସାର ମୋହ ତ୍ୟଜି ବାଡ଼ବେ,

ବରିଲା ଅନନ୍ୟ ବିଭବ

ଜଡ଼ମୁଖେ ସ୍ମିତଦୁଃଖେ ହୁଏ ଉଭବ ।୩।

ଚୁମ୍ବୁଅଛି ବନମାଳ ପରସ୍ପରେ ବିମ୍ବ-ଚୁଳ

ମୃଣାଳ-ଅମ୍ବର-ସମ ଗଲେ ନୀଳାଭେ,

ନିରୁକ୍ତ-ଘର୍ମର ବେଳା ଅଗୋଚର ଯେବେ ହେଲା

ପ୍ରସ୍ତରେ ପିଟିଣ କୋପେ ଶିର ସ୍ୱଭାବେ,

ନମନୀୟ-କାନ୍ତି ଝଟକେ

ଦେଖି କିବା ଜନନୀକୁ ପୁତ୍ର ଅଟକେ  ।୪।

ନିସ୍ପନ୍ଦ-ପ୍ରଭାତ-ବ୍ରୀଡା ମନ୍ଦ୍ରିତ-କପୋଳ-କ୍ରୀଡା
ପୀଡା ଭେଦି କୋହ ଭାଳି ଧୋଇ ପଖାଳେ,
ସବୁଜିମା ଭରା କୋଳେ ଲଙ୍ଘି ଯିବ କୁତୂହଳେ
ବେନି ପଯ଼-ହୀନ-ରଶ୍ମିଗ ଦେବ କୋମଳେ,
ପ୍ରଣୟିନୀ-ଶାଲ୍ମଳୀ-ଗୁଳ୍ମ
ଟଗର-ଶେଫାଳି-ରଣି-କୁସୁମ ସଦ୍ମ  ।୫।

ବୋଳିଦେବେ କି ଅଞ୍ଜନ ଧବଳ-ବିତାନ-ବର୍ଣ୍ଣ
କଞ୍ଜନାକ୍ଷୀ ପ୍ରାୟ ଯେବେ ମଣ୍ଡିବ ମୁଖେ,
ଦୁଃଖଦ-ଶୃଙ୍ଗାର-ତ୍ୟକ୍ତ ହେବ ପୁନଃ ଧରାଭକ୍ତ
ଆସକ୍ତ-ହୃଦୟ-ଶୋଭା ଦେବେ ସମ୍ମୁଖେ
କି କଳାପ ଦେବ ନିୟତି
କରି ବରି ଧରାପୁରୀ ବନ୍ଦେ ଭାରତୀ  ।୬।

ପ୍ରତାପୀ-ଆତପ-ଭୂପ ପ୍ରଭୂତ-ପ୍ରବାଳ-ନୃପ
ସଙ୍ଗତେ ରମଣୀ ହୋଇ ବସିବ ତପେ,
ପ୍ରଣୟ-ଚାରୁ-କୁଙ୍କୁମ ଆଦ୍ୟ ଅଭିସାର ରମ୍ୟ
ପୂଜା କରି ଦେବୀ-ତାନେ ପ୍ରେମ-ଆଟୋପେ,
କଳ୍ପନାର ସ୍ରୋତ ବହୁଛି
ବିସ୍ମୟ ଯେ କୁମୁଦରେ ଝଟକୁଅଛି ।୭।

ଦିବସେ ରଜନୀ-କାନ୍ତ ହୁଅନ୍ତିନି ପ୍ରତିଭାତ
କଳ୍ପନା ବେଦନା ସବୁ ବିସ୍ମରି ନୋହେ,
ଭଗ୍ନାର୍ଦ୍ଧ-ଶ୍ମଶାନ-ଶାଳା ଜଡକୁ ଜୀବନ ଦେଲା
ବିସ୍ମୟରେ ଏ କି ବୋଲି ନଥିଲା କୋହେ,
ବେଦନା-ତଟିନୀ ପ୍ରବାହେ
କାହିଁ ତେଣୁ ରେଣୁ ସୁଖେ ରହୁଛି ଆହେ ।୮।

ବିଜନ-ନିଶୀଥ-ସ୍ମୃତି ଲହରୀ ସଙ୍ଗତେ ଭ୍ରାନ୍ତି
ପ୍ରଶାନ୍ତ-କୁମୁଦ-ବେଳା ସୁଢ଼ଳ ଭବେ,

ଊର୍ଦ୍ଧ୍ୱସଳ-ଦଗ୍ଧ-ପ୍ରାଣ ହେଲା କି ଦୁର୍ବଳ ଯୌନ
ଫେନାବଳୀ-ଧୌତ-ପଦେ ବିଲୀନ ଏବେ,
ଅବୋଧ ଯାମିନୀ ଅଶାନ୍ତ
ପ୍ରଶ୍ନିଳ-ତୁଙ୍ଗିମା-ରାଶି ଭେଦେ ଦିଗନ୍ତ ।୯।

ଗୁଳ୍ମରାଶି ପାଶେ ମିଳି କରୁଛି ଊର୍ମିଳା ଅଳି
ଏ କି ବ୍ୟତିକ୍ରମେ ମୁହିଁ ବ୍ୟସ୍ତବିବ୍ରତ,
ରତ୍ନାକର-ଅଭିହିତ ଯେବେ ତଟିନୀ ଅକ୍ଳାନ୍ତ
ଅନ୍ତଃସ୍ରୋତ ଧରି ଅଙ୍କେ ଆଶ୍ୱାସରତ,
ବିଚିତ୍ର-କାଳିମା-ସଘନ
ହଜାଇଛି ମୋର ସ୍ଥାନ ଭବ ଅରଣ୍ୟ ।୧୦।

*****

୨୩୭, ଫେଜ୍ - ୨, କାନନ ବିହାର, ପଟିଆ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୪

# ଶୀତ ଆଗମନେ

କବିରତ୍ନ ନୂତନ କୁମାର ବେହେରା

ରାଗ : ଚୋଖି

ଢଳିଢଳି ରବି ଯାଏ ପୂର୍ବରୁ ଦକ୍ଷିଣ ଦିଗେ
ନରମି ପଡେ ତା' ତେଜଦୀପ୍ତ କିରଣ,
ଉତ୍ତର ଦିଗରୁ ବହେ ପବନ ଶୀତଳ ହୁଏ
ଥରି ଉଠେ ଧରା ପାଇ ସେ ଶିହରଣ,
ରାତିରେ ପଡଇ କାକର
ତନୁ ମନ ଶୀତେ ଭରି ହୁଏ ଅଧିର ।

ସ୍ୱର୍ଣ୍ଣମୟ ଧାନକ୍ଷେତ କରି ମଥା ଅବନତ
ରୁଣୁଝୁଣୁ ଘୁଙ୍ଗୁରର ଶବଦେ ନାଚେ,

ଚାଷୀମନ ଛନଛନ  ଦେଖି ଏ ପାଚିଲା ଧାନ
ପ୍ରାଣର ପୁଲକେ କେତେ ସପନ ରଚେ,
ସାର୍ଥକ ଶ୍ରମର ଫସଲ,
ଜଗତର ଜୀବନ ପାଳି କରଇ ଭଲ  ।

ଶୁଷ୍କ ହୁଏ ଧରାପୃଷ୍ଠ      ଥରଥର ଥରେ ଓଠ
ଶୀତ ବସ୍ତ୍ରେ ଆବୃତ ସର୍ବାଙ୍ଗ ଶରୀର,
ସକାଳରୁସଞ୍ଜ ଯାଏ ଦେହେଖରା ଭଲଲାଗେ
ରାତ୍ରିକାଳେ ନିଦ୍ରା ହୁଅଇ ସୁଖକର,
ଉଷୁମ ବିଛଣା ଆନନ୍ଦ
କରି ଶ୍ରମ ଲାଘବ ଦୂରାଏ ବିଷାଦ  ।

ଶେଷ ହୁଅଇ ବରଷ   ହସି ଉଠେ ପରିବେଶ
ଜାତିଜାତି ଫୁଲ ପରିବାରେ ବଗିଚା,
ସୁଲଭମୂଲ୍ୟରେ ମିଳେ ପଣ୍ୟଦ୍ରବ୍ୟ ଶୀତକାଳେ
ସୁନ୍ଦର ଦିଶେ ବାଟଘାଟ ରହେ ଫରଚା,

ଆସଇ ପୁନେଇଁ ପରବ
ସାଥୀରେ ଦିନ କଟାଉଁ ବନ୍ଧୁବାନ୍ଧବ ।


କଷ୍ଟ ଦେଲେ ବି ଶୀତ ଅଟେ ପ୍ରାଣୀଙ୍କର ମିତ
ପ୍ରକୃତି କରଇ ଜଗତର ମଙ୍ଗଳ,
ଶୀତ-ଖରା-ବର୍ଷା କ୍ରମେ ଋତୁଚକ୍ରେ ପଡି ଭ୍ରମେ
ଭାରସାମ୍ୟ ରଖିବାକୁ ଅନନ୍ତ କାଳ,
ସୃଷ୍ଟିର ବିଧାନ ବିଚିତ୍ର
ସୁଖ ଦୁଃଖ ଏ ଜୀବନର ଦୁଇ ସୂତ୍ର ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

# ଶ୍ରୀଯୁକ୍ତ ସମାଜ

ବିଦ୍ୟାଭୂଷଣ ବେହେରା



ଧୈର୍ଯ୍ୟ ହରା ସମାଜଟା
ଧିକ୍କାର କରୁଛି ବର୍ତ୍ତମାନଙ୍କୁ
ଘଟୁଥିବା ଚମତ୍କାରକୁ ନଦେଖି
ମରିପଡି ଖୋଜିବୁଲୁଚି ଭୁଲକୁ
ଟିକେ ପ୍ରତିବାଦର ସ୍ୱରକୁ କମକରି
ପରିବର୍ତ୍ତନକୁ ଆପଣାନ୍ତି କି ?
ସୃଷ୍ଟିକୁ ପରଖି ଦେଖି ସଜାଡି ରଖନ୍ତା କି ?
ନା, ତା' ନୁହେଁ ବରଂ
କାଦୁଅ ଫିଙ୍ଗା ଫିଙ୍ଗି ହୋଇ

ସଜାଡିବା ପରିବର୍ତ୍ତେ ବିଗାଡୁଛନ୍ତି

କେତେ ଭଲ ହୁଅନ୍ତା,

ବ୍ୟସ୍ତ ବହୁଳ ଜୀବନରୁ ବାହାରି

ପ୍ରକୃତିକୁ ଉପଭୋଗ କରନ୍ତା

ଇଟା, କଂକ୍ରିଟର ପ୍ରକୃତି ନୁହଁ

ବରଂ ଗଛ, ଲତାର ପ୍ରକୃତି

ପ୍ରାକୃତିକ ପରିବେଶକୁ ଦେଖି

ଆନନ୍ଦ ଉପଭୋଗ କରନ୍ତା

ବୁଝିପାରନ୍ତା ତା' ର ଆବଶ୍ୟକତାକୁ

ପ୍ରେରିତ କରନ୍ତା ନିଜକୁ ଏବଂ ଅନ୍ୟକୁ

ପରିବେଶ ବଞ୍ଚାଇବାରେ,

ସମାଜକୁ ସୁସ୍ଥ ରଖିବାରେ ।

*****

ବେତନଟୀ, ମୟୂରଭଞ୍ଜ

# ତୁମେ ଆସିବ ବୋଲି

ଆଶୁତୋଷ ସ୍ୱାଇଁ

ତୁମେ ଆସିବ ବୋଲି
ତୁମେ ଆସିବ ବୋଲି
ଦିନ ପରେ ଦିନ ସାଇତି ରଖିଛି
ତୁମ ସହିତ ହଜିବି ବୋଲି
ତୁମେ ଆସିବ ବୋଲି..................॥୧॥

ତୁମେ ଆସିବ ବୋଲି
ଟିକ୍ ଟିକ୍ କରି
ଘୁରୁଥାଏ ଘଡ଼ି
ତାକୁ ରହିଥାଏ ଚାହିଁ
ତୁମେ ଆସିବ ବୋଲି..................॥୨॥



ତୁମେ ଆସିବ ବୋଲି
ଗାଇଥାଏ ସଦା
ପ୍ରୀତିର ସଂଗୀତ
ତୁମକୁ ଭେଟିବି ବୋଲି
ତୁମେ ଆସିବ ବୋଲି..................॥୩॥

ତୁମେ ଆସିବ ବୋଲି
ମନ ଉପବନୁ
ତୋଳୁଛି କୁସୁମ
ତୁମ ଗଭାରେ ମଣ୍ଡିବ ବୋଲି
ତୁମେ ଆସିବ ବୋଲି.................॥୪॥

ତୁମେ ଆସିବ ବୋଲି
ଶୟନ ଭୋଜନ ତ୍ୟାଗ
ମୁଁ କରିଛି
ତୁମକୁ ଦେଖିବି ବୋଲି

ତୁମେ ଆସିବ ବୋଲି..................||୫||

ତୁମେ ଆସିବ ବୋଲି
ଦିନଦିନ କଥା
ସାଇତି ରଖିଛି
ତୁମକୁ ବାଣ୍ଟିବି ବୋଲି
ତୁମେ ଆସିବ ବୋଲି..................||୬||

ତୁମେ ଆସିବ ବୋଲି
ରାତି ରାତି ସ୍ୱପ୍ନ
ସାଇତି ରଖିଛି
ତୁମ ଆଖିରେ
ଦେଖିବି ବୋଲି
ତୁମେ ଆସିବ ବୋଲି.................||୭||

ତୁମେ ଆସିବ ବୋଲି

ସବୁ ସଂପର୍କ ମୁଁ
ତୁଟେଇ ଦେଲାଣି
ତୁମକୁ ପାଇବି ବୋଲି
ତୁମେ ଆସିବ ବୋଲି................||୮||

ତୁମେ ଆସିବ ବୋଲି
ସୂରୁଜ ଦେବଙ୍କୁ
ବିନତୀ କରଇ
କଅଁଳ କିରଣ
ଦେବେକି ବାଢି
ତୁମେ ଆସିବ ବୋଲି...............||୯||

ତୁମେ ଆସିବ ବୋଲି
ସପନ ରାଇଜେ

ରାଜା ମୁଁ ସାଜିବି

ତୁମେ ହେବ ମୋର ରାଣୀ

ତୁମେ ଆସିବ ବୋଲି............ ||୧୦||

*****

ଦାନ୍ତୁଆଳ, ଜଗତସିଂହପୁର

**ପ୍ରକାଶ ଅପେକ୍ଷାରେ....**

*ଧ୍ରୁବତାରା ପବ୍ଲିକେଶନସ୍ ର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା "*

ଧ୍ରୁବତାରା ପବ୍ଲିକେଶନସ୍



# ମୁଁ ବୃକ୍ଷ କହୁଛି

ହୃଦୟାନନ୍ଦ ପଧାନ

ସମୟର ଅନ୍ତରାଳେ
ସୃଷ୍ଟି ମୋର ପୁରାତନ ଯୁଗରୁ
ମୁଁ ନିସଙ୍ଗ ପାଦପ କେତେ ଅସହାୟ
ଏ ଧରିତ୍ରୀ ଭୂଇଁରେ ।
ହେ ବିଧାତା ! ସୃଷ୍ଟି କଲ
ଏହି ପୃଷ୍ଠେ ବଞ୍ଚାଇବି ଜୀବନ
ଦେଇ ମୋର ଫଳଫୁଲ ସମଗ୍ର ଶରୀର
ସମସ୍ତଙ୍କୁ ହାତ ଖୋଲି
ସ୍ମିତହାସ୍ୟ ବଦନେ ।



ସାଜିଲି ମୁଁ ସପ୍ତ ଋତୁ ଦେବଦୂତ

ଗ୍ରୀଷ୍ମର ତାଣ୍ଡବ, ଶୀତର ସକାଳେ

ଆଷାଢ଼ର ରିମ ଝିମ ବର୍ଷାରେ

ଅଥବା ଶରତ-ହେମନ୍ତର

ସମିଶ୍ରଣ କାଳେ ।

ସକାଳରୁ ସଞ୍ଜ, ସଞ୍ଜରୁ ସକାଳ

ପୁଣି ଯାମିନୀରେ

ସବୁବେଳେ ରହିଛି ମୁଁ ସବୁ ସ୍ଥଳେ

ଖୋଲି ଦେଇ ମୋର ବକ୍ଷ

ସମ୍ପୂର୍ଣ୍ଣ ନିରୋଳାରେ ।

କାହିଁକି ମୋ ବକ୍ଷ କାଟି

ପାଉଅଛ କି ଶାନ୍ତି ?

ହେ ଉନ୍ନତ ମାନବ ଜାତି !

ତୁମ ହୃଦୟରେ ଟିକିଏ ବି କରୁଣା

କି ଭାବନା ନାହିଁ

ସମସ୍ତେ ଆଜି ଜଡ ପ୍ରତିମା ।

ଏ ସବୁଜ-ଶ୍ୟାମଳେ ସମାଜେ

ବଂଚିବାକୁ ଚାହିଁ ଯଦି

ହେ ଜନଜାତି !

ବଂଚିବାକୁ ଦିଅ ମୋର ବଂଶଜ

ନ ହେଲେ ଧ୍ୱଂସ ଯିବ

ଏ ମହିସିନ୍ଧୁ

ରହିବେନି କେହି ଜଣେ ବି ଏକାକି ।

*****

ଅମରପାଲି, ବୀରମହାରାଜପୁର

ସୁବର୍ଣ୍ଣପୁର

# ବଡ଼ ବିଚିତ୍ର ଏ ମଣିଷ ଜାତି

ତପସ୍ୱିନୀ ଦାଶ ଷଡଙ୍ଗୀ



ବଡ଼ ବିଚିତ୍ର ଏ ମଣିଷ ଜାତି
ଶ୍ରେଷ୍ଠ ପ୍ରାଣୀ ସିନା ବୋଲାଉଛନ୍ତି
ନ୍ୟୁନମାନ ଅଟେ ତାଙ୍କର ମତି
ମାନବ ଜନ୍ମ ପାଇଁ ଗର୍ବ କରନ୍ତି ।୧।

ବଡ଼ ବିଚିତ୍ର ଏ ମଣିଷ ଜାତି
ଭୁଜଙ୍ଗ'ଠୁ ବିଷଧର ଅଟନ୍ତି
ସମୟ ଦେଖି ସେ ଦଂଶି ଦିଅନ୍ତି
ନିଜର ହୋଇ ବଇରି ସାଜନ୍ତି ।୨।

ବଡ଼ ବିଚିତ୍ର ଏ ମଣିଷ ଜାତି
ବିଶ୍ୱାସରେ ବିଷ ଶୀଘ୍ର ଦିଅନ୍ତି
ନିଜର ବୋଲିକା ବୋଲୁ ଥାଆନ୍ତି
ଜଳନ୍ତା ଅଗ୍ନିକୁ ଠେଲି ଦିଅନ୍ତି ।୩।

ବଡ଼ ବିଚିତ୍ର ଏ ମଣିଷ ଜାତି
ପର ଦୁଃଖ ଦେଖି ହସୁ ଥାଆନ୍ତି
ସୁଖର ସମୟେ ଠିଆ ହୁଅନ୍ତି
ସ୍ୱାର୍ଥପର ସତେ କେତେ ଅଟନ୍ତି ।୪।

ବଡ଼ ବିଚିତ୍ର ଏ ମଣିଷ ଜାତି
ଅନ୍ୟର ଭିତରେ ଦୋଷ ଖୋଜନ୍ତି
ନିଜ ଦୋଷ ଅଣଦେଖା କରନ୍ତି
ବଡ଼ ନ୍ୟାୟାଧିଶ ବନି ଯାଆନ୍ତି ।୫।

ବଡ଼ ବିଚିତ୍ର ଏ ମଣିଷ ଜାତି
ଓଡ଼ଶ ପରିକା ରକ୍ତ ଶୋଷନ୍ତି
ସୁଧଖୋର ମହାଜନ ବୋଲାନ୍ତି
ଅଧର୍ମର ପୁଞ୍ଜି ଜମା କରନ୍ତି ।୬।

ବଡ଼ ବିଚିତ୍ର ଏ ମଣିଷ ଜାତି
ଦାନବ'ଠୁ ହିଂସ୍ର ହୋଇଥାଆନ୍ତି
ଯୌତୁକ ପାଇଁ ଲୋଭ କରନ୍ତି
ସରଳ ଜୀବନ ଜାଳି ମାରନ୍ତି ।୭।

ବଡ଼ ବିଚିତ୍ର ଏ ମଣିଷ ଜାତି
ଆଶା ନେଇ ଈଶ୍ୱର ପୂଜା କରନ୍ତି
ଦୀପ ଦେଇ ରାଜ ସୁଖ ମାଗନ୍ତି
ସତେ କେଡେ ବାଚାଳ ଇଏ ଅଟନ୍ତି ।୮।

ବଡ଼ ବିଚିତ୍ର ଏ ମଣିଷ ଜାତି

କନ୍ୟା ସନ୍ତାନକୁ ହୀନ ମଣନ୍ତି

ପୁଅ ଟିଏ ହେଲେ ମିଠା ବାଣ୍ଟନ୍ତି

ପାତର ଅନ୍ତର ୟା'ଙ୍କର ରୀତି ।୯।

ବଡ଼ ବିଚିତ୍ର ଏ ମଣିଷ ଜାତି

ବଦଳିବ ନାହିଁ ୟା'ଙ୍କ ପ୍ରବୃତ୍ତି

ଅଜବ ଗଜବ ଏହାଙ୍କ ମତି

ସମୟକୁ ଦେଖି କରନ୍ତି ଗତି ।୧୦।

*****

ବେଙ୍ଗାଲୁରୁ

# ସ୍ୱପ୍ନ ସଫଳତା

କୃଷ୍ଣ ଚନ୍ଦ୍ର ଡାକୁଆ



ଜାଣିଛି ମୁଁ ଗୋଟେ
ମଉଳା ଫୁଲଟେ
ମୋ ହୃଦ ବଗିଚା ଉପବନେ,
ଜୀବନ ଥାଇ ବି
ନିର୍ଜୀବ ଭଳି ଜୀବନ କାଟେ
ବୋଧେ ତାହାକି କ'ଣ
ମୋ ଅଭିଶପ୍ତ ଜୀବନ ଅଟେ,
ଭବିଷ୍ୟତ ଯୋଜନା ଦେଖାରେ
ସତେଜିତ ହୁଏ,

ମୋ ଫୁଲର ପାଖୁଡା

ମହ ମହ କରି ବାସେ

ବହୁ ବାର ନ ହେଲେ ନାହିଁ,

ପୁଣି ଥରେ ଦେଖା ଦିଅ

ମୋ ସତେଜତା ଆସିବା ପାଇଁ,

ତୁମରି ଦେଖାରେ

ମୋ ମନ ଶ୍ରୀହରି ଉଠେ

ତୁମ ହୃଦ ବଗିଚାରେ

ଫୁଟି ବାସିବା ପାଇଁ

ତୁମ ଦେଖା ପାଇବାଟା ବୋଧେ

ମୋ ଭାଗ୍ୟ ସମୟ ସୁଅର

ବିରଳ ଜୁଆର ଭଙ୍ଗା

ଅମାନିଆ ମୋର ଆୟୁର ସପନ

ମୁଁ ଭାବେ ତୁମେ ମୋ

ଜୀବନ ପ୍ରାଣ

ତୁମ ଦେଖା ନ ପାଇ

ଚାଲି ଯାଉଛି ବୋଧେ

ମୋ ଜୀବନ ପ୍ରାଣ ......!!

*****

କରଚୁଲି(ବୁଗୁଡ଼ା), ଗଞ୍ଜାମ

# ନିଃସଙ୍ଗତା

ସତ୍ୟ ରଞ୍ଜନ ମିଶ୍ର



ମସ୍ତିଷ୍କ ଦ୍ୱାରା ହାତ ଆଙ୍ଗୁଳି ଅଗ୍ରକୁ
ଆଦେଶ ଦିଏ ମନ
ନିଃସଙ୍ଗତା ରୂପକ ଏ ଜ୍ୱାଳା
ଆଉ ସହି ହୁଏନା...

ଦୂରଭାଷରେ ମନ କଥାକୁ
ବାର୍ତ୍ତା ରୂପେ ଲେଖି କରି
ପଠେଇଦିଏ ମନର ମଣିଷ
ପାଖକୁ ଚଟକିନା...

ପିଞ୍ଜରାରୁ ମୁକ୍ତ ଚଢେଇଟି
ତତକ୍ଷଣାତ ଉଡ଼ିଗଲା ପରି
ପ୍ରେମଭରା ସୁନ୍ଦର ବାର୍ତ୍ତାଟି
ଉଡ଼ିଯାଏ ଫୁରକିନା...

ଆଉ ଜଣକ କୋମଳ ହାତରେ
କମ୍ପନ ଓ ଆଲୋଡନ ସୃଷ୍ଟିକରି
ପରଦା ଉପରେ ବାର୍ତ୍ତାଟି
ଭାସି ଉଠେ ବିପ୍ କିନା...

"ଏଇ.. କ'ଣ କରୁଛ ?"
ଉତ୍ତର ଆସେ, " ବସିଛି "
"ଖାଇଲଣି ତୁମେ ?"
ଉତ୍ତର ଆସେ, "ହଁ "
"ଦେହ ଭଲ ଅଛି ତୁମର ?"
ଉତ୍ତର ଆସେ "ହଁ "

"ପାଠ ପଢ଼ା ଠିକ ଠାକ ତ ?"

ଉତ୍ତର ଆସେ "ହଁ "

"ଘରେ ସମସ୍ତେ ଭଲ ଅଛନ୍ତି ?

ଉତ୍ତର ଆସେ "ହଁ "

"ଆଉ ସବୁ କିଛି କୁଶଳ ତ ?

ଉତ୍ତର ଆସେ "ହଁ "

ଏ କି କଥା ଯେ ?

କ'ଣ ପ୍ରତ୍ୟୁତ୍ତର ଦେବାକୁ

ତୁମେ ଆସିପାରିବନି

ସେ "ହଁ "ଶବ୍ଦର ସୀମା ଡେଇଁ... ?

ଏ କି କଥା ଯେ ?

ମନକଥା ପରିପ୍ରକାଶ ପାଇଁ

ତୁମ ଶବ୍ଦ କୋଷରେ ଶବ୍ଦ ନାହିଁ

ସେ "ହଁ " ଶବ୍ଦକୁ ବାଦଦେଇ...?

ଚାପିଦେଇ ମନର ବେଦନା
ଶେଷ ଥର ପାଇଁ ପଚାରିଥାଏ
"କଣ ଆଉ କିଛି କହିବ କି ?"
ଉତ୍ତର ଆସେ, "ନା "

ଚିତ୍କାର କରି ଉଠେ ମନ
ବିଦ୍ରୋହ କରେ ହୃଦୟ
କାନ୍ଦ କାନ୍ଦ ହୁଏ ଆଖି
ପାଟି କିଛି କହିପାରେନା...

ପାଟି ଖୋଲିବାର ପରିଣାମ
ନିଜ ଲୋକ ସହ ସମ୍ପର୍କ ଛିନ୍ନ
ଆଉ ତା' ସହ ବିନା ସମ୍ପର୍କରେ
ମଣିଷ ଆଦୌ ବଞ୍ଚିପାରେନା...

ନା.. ନା.. ତା'କୁ ସବୁଦିନ ପାଇଁ
ହରେଇବାଠୁ ଶ୍ରେୟସ୍କର
ସବୁଦିନ ତାଠୁ ଶୁଣିବା
କେବଳ " ହଁ "ଆଉ" ନା "...

ନା.. ନା... ତାକୁ ସବୁଦିନ ପାଇଁ
ନୀରବ ଦେଖିବା'ଠୁ ଶ୍ରେଷ୍ଠ
ସବୁଦିନ ତା'ଠୁ ଶୁଣିବା
କେବଳ "ହଁ " ଆଉ "ନା "...

ନା.. ନା... ତା'ଠୁ ଦୂରେଇଯାଇ
ନିଃସଙ୍ଗତାରେ ଜିଇଁବା'ଠୁ ଭଲ
ସବୁଦିନ ତା'ଠୁ ଶୁଣିବା
କେବଳ " ହଁ " ଆଉ " ନା "...

"ରହୁଛି " ବୋଲି ଲେଖି କରି

ଯନ୍ତ୍ରକୁ ପାକେଟରେ ରଖି

ପୁଣି ନିସଙ୍ଗ ପାଲଟିଯାଏ

ଅମାନିଆ ମନ ଫଟକିନା...


*****

ଅଢ଼ଙ୍ଗ ଶାସନ, ଅଣଖିଆ

ବିରିଡି, ଜଗତସିଂହପୁର

# ବଦନାମ ପ୍ରେମିକ

ଶିବ ଚରଣ ମହାପାତ୍ର



ପ୍ରିତିନନ୍ଦା..!
ଯିବାକୁ ଚାହୁଁଛ ଯେବେ ନିଃସଙ୍କୋଚେ ଚାଲିଯାଅ
ଅଣଲେଉଟା ପରୱାନାଟେ ହୋଇ..!!

ମୁଦା ଲଫାପା ମୋ ପ୍ରେମ
ସ୍ନାୟୁର ରକ୍ତ କଣିକା ଯାଏଁ ଥିଲା ଦିନେ ଯାହା ଚେଇଁ ଚେଇଁ
ସବୁତକ ପୋଛିନିଅ
ଏକବିଂଶ ଶତାବ୍ଦୀର ମହାବାତ୍ୟା ହୋଇ..!!

ହସିବାକୁ ଚାହୁଁଛ ତ
ନିଷ୍କଳଙ୍କେ ହସିପାର ମନଖୋଲା ହସ

ଏ ଆଖିର ବିପ୍ଲବୀ ଲୁହ କି ପରାଜିତ କୋହ
କେହି କେବେ ତୁମକୁ ଦୋଷ ଦେବେ ନାହିଁ..!!

ଯିବ ଯଦି ନିର୍ଦ୍ୱନ୍ଦରେ ଚାଲିଯାଅ..!
ହେଲେ ଯିବା ଆଗରୁ
ମୋ ହୃଦୟର ସମସ୍ତ ନିର୍ବାସିତ କୋଳାହଳ
ମୋତେ ଫେରେଇ ଦେଇଯାଅ..!!

ତୁମ ହସରେ ଚିତ୍ରିତ
ମୋ ଆଖିର ବେରଙ୍ଗ ନିର୍ଜନତା ସବୁ
ତୁମ ପାଦଚିହ୍ନ ସଙ୍ଗେ ଧୋଇ ଦେଇଯାଅ..!!

ନଚେତ୍
ପ୍ରତି ରାତି ଧୂସର ଲଣ୍ଠନ ଆଲୁଅରେ
ତୁମ ସ୍ମୃତିର ବଙ୍କିଳ ଇନ୍ଦ୍ରଧନୁ ମୁଁ ଆଙ୍କୁଥିବି..!
ଡାଏରୀର ପ୍ରତିଟି ନୀରିହ ପୃଷ୍ଠାକୁ
ମୋ କଳ୍ପନା ନିହାଣ ମୁନରେ ରୁଧିରାକ୍ତ କରୁଥିବି..!!

ଜାଣିଛି
ତୁମେ ନୀଳ ଆକାଶର ସଫେଦ୍ ଜହ୍ନଟେ
ଯା'ର
ହୃଦୟ ବିଶାକ୍ତ, ପ୍ରେମ ଛନ୍ଦମୟ ଆଉ ମନ କଳଙ୍କିତ..!!

ଯେଉଁ କଳଙ୍କ
ପ୍ରତିଦ୍ୱନ୍ଦି ମୋ ପବିତ୍ର ପ୍ରେମର ଆଉ
ସ୍ରଷ୍ଟା ହୋଇ ରଚୁଥାଏ ନିତି ବେଦନାକ୍ତ କ୍ଷତ..!!

ଏବେ ତୁମ ଛଳନା ଜୋସ୍ନାରେ
ଅଧା ଭିଜା ମୁଁ କାକର ଟୋପାଟେ
ଲୋଡାନାହିଁ ମୋତେ
ସେ କର୍ଦ୍ଦମାକ୍ତ ପ୍ରେମ କି ପଙ୍କିଳ ପ୍ରାୟଶ୍ଚିତ..!!

ତୁମେ ଜାଣନା
ଆଜି ବି ମୁଁ ଅହରହ ଉବୁଟୁବୁ ହୁଏ

ତୁମ ସ୍ମୃତି ସାଥିରେ

ମୋ ନିଃଶବ୍ଦ କୋଠରୀ ଚାରି କାନ୍ଥ ଭିତରେ..!!

ସେବେଳେ

ମୋ ଲେଖନୀ ସ୍ପର୍ଶରେ ତୁମେ ପାଷାଣୀରୁ ଅହଲ୍ୟା ପାଲଟ

ଆଉ

ସୁନ୍ଦରୀ ଜହ୍ନରୁ ଆନମନା ଶବ୍ଦର କୁହାଟ..!!

ପୁଣିଥରେ ମୁଁ

ଖୁବ୍ ନିଷ୍ପାପର ପ୍ରେମ କରେ ପୂର୍ବବତ୍

କଳଙ୍କିତ ପୁରୁଷଟେ ହୋଇ

କବିତା'ର ପଂକ୍ତି ଭିତରେ ବିଶ୍ୱାସର ଦସ୍ତଖତ କରି ହସୁଥାଏ

ବଦନାମ ପ୍ରେମିକର କଳସ ମୁଣ୍ଡେଇ..!!

*****

ଚକ୍ରଧରପୁର, କେନ୍ଦୁଝର

# ଟିକ୍ ଟକ୍ ରାଣୀ

ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର

ଚିକ୍ ଚିକ୍ ଚିକ୍ ନାଲି ଶାଢ଼ୀ ପିନ୍ଧି,
ମୋବାଇଲରେ ଭାସି ବୁଲନ୍ତି,
ଝିଲମିଲ ମୋର ପଣତ କାନିଲୋ,
ମୟୂରୀ ପରି ମୁଁ ନାଚି ଉଠନ୍ତି ।୧।

ଗାର୍ଲଫ୍ରେଣ୍ଡ ଭାବି ଭ୍ରମରେ ଭ୍ରମର,
ମେସେଜ ବକ୍ସ ପାଶେ ଘୁରି ବୁଲନ୍ତା,
ଗିଫ୍ଟ ଚକୋଲେଟ ଭଳିକି ଭଳିକି,
ଆଇ ଫୋନ ଗୋଟେ ମିଳିଯା'ନ୍ତା ।୨।



ଭାଇରାଲ ହୁଅନ୍ତା ଭିଡିଓ ମୋର,
ସଭିଙ୍କ ଷ୍ଟାଟସରେ ଶୋଭା ପା'ନ୍ତି ,
ମୁରୁକି ହସରେ ପ୍ରେମର ଫାଶରେ ,
ପାଗଳ କିମିଆ କରିଦିଅନ୍ତି ।୩।

ଭୁଲି ଯାଆନ୍ତି ମୋ ନିଜର ଯନ୍ତ୍ରଣା,
ଚକା ଭଉଁରୀଟେ ଘୁରି ଯାଆନ୍ତି,
ପ୍ରେମ କୁମାର ମୋ ମିଳି ଯାଆନ୍ତା କି,
ଟିକ୍ ଟିକ୍ ରାଣୀ ତା'ର ହୁଅନ୍ତି ।୪।

*****

ଗୁଡ଼ିଆନାଳି, ଢ଼େଙ୍କାନାଳ

# କାର୍ତ୍ତିକ

ଶ୍ରୀ ଟଙ୍କଧର ଶତପଥି

ବାରମାସ ମଧ୍ୟେ କାର୍ତ୍ତିକ ଶ୍ରେଷ୍ଠ ।
ଷଡ଼ାନନ ରୂପେ କାର୍ତ୍ତିକ ନିଷ୍ଠ ।।
ଧର୍ମକୁ ଆଦର ମାସକ ଯାକ ।
ଆମିଷକୁ ତ୍ୟାଗ କରଇ ବକ ।।
ହବିଷ୍ୟାଳୀମାନେ ଏକାଠି ହୋଇ ।
ରାଧା ମାଧବଙ୍କ ଗୁଣ ଗାଆଇ ।।
ମଠ ମନ୍ଦିରରେ ଲାଗଇ ଭିଡ ।
ମାସକ ପର୍ଯ୍ୟନ୍ତ ଆମିଷ ଛାଡ ।।
ମାଛର ଗରଭେ ଡିମ୍ବ ବଢଇ ।
ଖୁସିରେ ଛାଗାଦି ରଡି ଛାଡଇ ।।


ମନ୍ଦିର ପୂଜାରୀ ଗଣଇ ଟଙ୍କା ।
ପରିବା ବେପାରେ ନ ଥାଏ ଶଙ୍କା ॥
ଦୀପାବଳୀ ଅଟେ ଆଲୋକ ପର୍ବ ।
ପୂର୍ବପୁରୁଷ ଯେ ଆମର ଗର୍ବ ॥
ରାସପୂର୍ଣ୍ଣିମାରେ ରାସ ଆଚରି ।
ଗୋପନାରୀ ମନ କରିଲେ ଚୋରି ॥
ମାସର ମାହାତ୍ମ୍ୟ ମହତ୍ତ୍ୱପୂର୍ଣ୍ଣ ।
ସବୁ ମନସ୍କାମ ହୁଅଇ ପୂର୍ଣ୍ଣ ॥
ଆ-କା-ମା-ବୈ ଆମରି କଥା ।
ସ୍ମରଣ କରାଏ ବାଲିର ଯାତ୍ରା ॥
ସବୁ ମାସ ଯେବେ କାର୍ତ୍ତିକ ହେବ ।
ପାପରୁ ମନୁଷ୍ୟ ନିସ୍ତରି ଯିବ ॥

*****

ବାଘୁଆବୋଲ, ତାଳଚେର
ଜି: ଅନୁଗୋଳ

# ଭୟ

ବିଶ୍ୱନାଥ ନାୟକ



ଜିତିବାକୁ ଯଦି
ଚାହୁଁଛ ଜୀବନେ
ହାରିବାକୁ କେବେ ଡରନା,
ହାରିବା ଶିଖାଏ
ଜିତିବାର ମନ୍ତ୍ର
ଶିଖିବାରେ କିବା ଶୋଚନା ।
ଜୀବନଟା ଯଦି
ବଞ୍ଚିବାକୁ ଚାହଁ
ମରିବାକୁ କେବେ ଡରନା,

ମରିବା ଭୟରେ

ବଞ୍ଚିବାଟା ପରା

ହୋଇଯାଏ ଏକ ଛଳନା ।

ଝଡିବାକୁ ଯଦି

ଡରେ ଫୁଲ କଢି

ଫୁଟିକି ସେ କେବେ ପାରିବ,

ବାସ ବିତରିବା

ଦୁନିଆଁ ପାଇଁକି

ତା' ପାଇଁ ସପନ ହୋଇବ ।

ନିଦାଘ ତାତିକୁ

ଡରିଲେ ଧରଣୀ

ବରଷା କି କେବେ ଆସିବ,

ଟାଙ୍ଗରା ଭୂଇଁରେ

ଥୁଣ୍ଟା ପାଦପଟା

ଫୁଲ ଫଳେ କିବା ହସିବ ।

ପଡିବାକୁ ଯେବେ

ଡରିଯାଏ ଶିଶୁ

ଚାଲିକି ସେ କେବେ ପାରିବ,

ବୁଡିବାକୁ ଯେବେ

ଡରେ ପହଁରାଳି

ପହଁରା କେମିତି ଶିଖିବ ?

ଝଡ ବତାସକୁ

ଡରିଲେ ନାଉରି

ନାଆ କି ସେ ବାହି ପାରିବ,

ଡରିଲେ ପାଦରେ

କଣ୍ଟା ଫୁଟିବାକୁ

ପଥିକ ବାଟ କି ସରିବ ?

ଲଙ୍ଗଳ ମୁନକୁ

ଡରେ ଯେବେ ମାଟି
ଶସ୍ୟଶ୍ୟାମଳା କି ସେ ହେବ,
ନୀହାଣ ମୁନକୁ
ଡରିଲେ ପଥର
ମୂରତି କି ହୋଇ ପାରିବ ?
ବରଷା ପାଣିକି
କୃଷକ ଡରିଲେ
ବୁଭୁକ୍ଷୁ କି ଦାନା ପାଇବ,
ଗୋଳା ବାରୁଦକୁ
ଡରିଲେ ସୈନିକ
ଯୁଦ୍ଧ କି ସେ ଲଢ଼ି ପାରିବ ।
ଜୀବନଟା ଅଟେ
ଏକ ପାଠଶାଳା
ପଡି ଉଠି ଯିଏ ଚାଲିବ,

ଭୟ ପରେ ଜୟ

ଲଭିବ ନିଶ୍ଚୟ

ହିମାଳୟ ଚୂଡା ଛୁଇଁବ ।

*****


ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ,

ସ୍ୱାମୀ ବିବେକାନନ୍ଦ ସ୍ମାରକ

ମହାବିଦ୍ୟାଳୟ, ଜଗତସିଂହପୁର

# ତୁମେ...

ସୋନାଲି ସ୍ୱାଇଁ



ତୁମେ ଦୂର ଦିଗବଳୟର
ସେଇ ଲାଜକୁଳା ସୂର୍ଯ୍ୟ,
ଦେଖି ମୋତେ ହସିଦିଅ
କାଇଁ କଥା ପଦେ ତ ହୁଅନା...

ତୁମେ ସେ ନୀଳ ସାଗରର
ସେଇ ଅସୁମାରୀ ଢେଉ,
ଆଗେ ଆସି ଚାଲିଯାଅ ସିନା
ହେଲେ ମୁହଁକୁ ତ ଚାହଁନା...

ତୁମେ ସେ ଅସରନ୍ତି ଆକାଶର
ସେଇ ମିଞ୍ଜିମିଞ୍ଜି ତାରା,
ଦୂରେ ଥାଇ ଆଖିମାର
ହେଲେ ପାଖକୁ ତ ଆସନା...

ତୁମେ ସେ ଉଜ୍ଵଳ ଜୋଛନାର
ସେଇ ଶୀତୁଆ କିରଣ,
ପ୍ରେମ ଭିକ୍ଷା କରିବାକୁ ଆସି
ଡରି ଚାଲିଯାଅ
ହେଲେ କେବେ କହି ତ ପାରନା...

ତୁମେ ସେଇ ସୁନ୍ଦର କଢ଼ିଟିର
ସେଇ ପ୍ରେମିକ ଭ୍ରମର,
ପାଖେ ବସି ଚାଲିଯାଅ
ହେଲେ କେବେ ଛୁଇଁତ ପାରନା...

ଆରେ ତୁମେ ପୁଅ ମ...

ଏତେ ଡରୁଆ ହେଲେ କେମିତି ହେବ ଯେ

କହିବାକୁ ହେବ

ଡର ଭୁଲି,

ମନ ଖୋଲି

ଭଲପାଅ ବୋଲି...

*****

ବୋରିକିନା, ଜଗତସିଂହପୁର

# କାହାଣୀ ପସରା

ଶ୍ରୀମତୀ ଚିନ୍ମୟୀ ମିଶ୍ର

ଧରିତ୍ରୀ ମାଆର ସନ୍ତାନ ହୋଇ, ଧରଣୀର ବୁକୁଚିରି ସୁନ୍ଦର ସୁନ୍ଦର କ୍ଷେତ ପ୍ରସ୍ତୁତ କରି ସେ ସୁନାର ଫସଲ ଉତ୍ପନ୍ନ କରେ । ନୀରସ ଭୂମିକୁ ଶସ୍ୟ ଶ୍ୟାମଳା କରେ । ସାରା ପୃଥିବୀରେ ମନୁଷ୍ୟମାନଙ୍କର ଅନ୍ନଦାତା ହୋଇ ସେ ସମସ୍ତଙ୍କଠାରୁ ସମ୍ମାନ ପାଇଥାଏ । ଅତଏବ, ସେ ଦେଶ ଓ ଜାତିର ପ୍ରକୃତ ମେରୁଦଣ୍ଡ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ବଗଡା ଚାଉଳର ଭାତ, କୋଳଥ ଡାଲି, ଶାଗ, ପିଆଜ, ଲୁଣ, ଲଙ୍କା ପ୍ରଭୃତି ତା'ର ନିତିଦିନିଆ ଖାଦ୍ୟ ।ପାଞ୍ଚହାତିଆ ଗାମୁଛା ପିନ୍ଧି ମୁଣ୍ଡରେ ପଗଡି ବାନ୍ଧିବା ତା'ର ସାଧା ସିଧା ପୋଷାକ । ସହରୀ ସଭ୍ୟତାଠାରୁ ବହୁ ଗୁଣରେ ଭିନ୍ନ, ଗାଁର ଝାଟି ମାଟିର କାନ୍ଥ ଏବଂ ଛଣ

ଛପର ଚାଳ ଘର ହେଉଛି, ତା'ର ବାସଗୃହ । ଆଧୁନିକ ଉପକରଣ ଦ୍ୱାରା ଘରଦ୍ୱାର ସଫା ନହୋଇ ଗୋବରରେ ଲିପାପୋଛା ହେଇଥିବା ତାହାର ଘରଟି ଦେଖିବା ପାଇଁ ଭାରି ସୁନ୍ଦର ଓ ଚିତ୍ତାକର୍ଷକ । ବୈଶାଖ ମାସର ଅକ୍ଷୟ ତୃତୀୟା ପର୍ବରେ ମୁଠି ଅନୁକୂଳ କରି କ୍ଷେତରେ ଧାନ ବୁଣିବା ହେଲା ତାହାର ମୁଖ୍ୟ କାର୍ଯ୍ୟ । ଧାନ ବୁଣି ସାରିବା ପରେ, ମୁଣ୍ଡଝାଳ ତୁଣ୍ଡରେ ମାରି, କ୍ଷେତରେ କଠିନ ପରିଶ୍ରମ କରି ସେ ଯାହା ସବୁ ଆମଦାନୀ କରେ ତାହାହିଁ ସନ୍ତାନଟିର ଶ୍ରମ ସାଧନାର ଫଳ । ସେ ଏହି ଫଳସ୍ୱରୂପ ଯାହା ପାଇଥାଏ ସେଥିରେ ତା'ର ଆନନ୍ଦ କହିଲେ ନସରେ । ପ୍ରକୃତରେ, ସେହି ସନ୍ତାନର ଦିନଲିପିକୁ ଚିତ୍ରଣ କରାଗଲେ ସେହି ଚିତ୍ରଣଟି ଏକ "କାହାଣୀ ପସରା" ପାଲଟିଯାଏ । ତେବେ ଏହି "କାହାଣୀ ପସରା"ଟି କ'ଣ ସେହି ବିଷୟରେ କିଛି ଜାଣିବା...

ଲିଭିଗଲା ରାତି ହୋଇଲା ପାହାନ୍ତି, ପୂରୁବେ ସୂରୁଜ ଉଇଁଲା,

ନିଧି ନେତିରିଙ୍କ "କାହାଣୀ ପସରା" ଦରଜା ଫାଙ୍କରୁ ଚାହିଁଲା,

ନିଧି ନିଜ ହାତେ ତୋଳେ ଘର,

କୋଠାଘର ଲୋଡ଼ା ନାହିଁ ତା'ର ।

ଛଣ, ଚାଅଁଡା ଛାତ ପକାଇ,

ଛୋଟ ଘର ଖଣ୍ଡେ ତୋଳେ ସେହି ।

ନେତି, ତା' ହାତ ବାରିସୀ,

ନିଧି ମନ ହୁଏ ଖୁସି ।

ପରସ୍ପର ସ୍ନେହ ଶ୍ରଦ୍ଧା ଭାବମିଶି, ଘରଟି ବୈକୁଣ୍ଠ ହୋଇଲା...

ପୂରୁବେ ସୂରୁଜ ଉଇଁଲା....... ।୧।

ଘରେ ନଥାଏ ଟଙ୍କା ପଇସା,

ଚାଷ କାମ ତା'ର ବଡ ବେଉସା ।

ପାଞ୍ଚହାତିଆ ଗାମୁଛା ପିନ୍ଧି,

ମୁଣ୍ଡେ ପଗଡିକୁ ଦିଏ ବାନ୍ଧି ।

ଠାକୁର ପ୍ରଣାମ କରି

ହଳ ଲଙ୍ଗଳକୁ ଧରି ।

ଏକ ମୁହାଁ ହେଇ ପାହୁଣ୍ଡ ପକାଇ, ମାଣିଆ ବିଲକୁ ଧାଁଇଲା...

ପୂରୁବେ ସୂରୁଜ ଉଇଁଲା.......।୨।

ନେଡି, ବାସି ପାଇଟିକୁ ସାରି,

ଛୋଟ ଛୁଆକୁ କାଖରେ ଧରି ।

ମୁଣ୍ଡେ ଭାତ କଂସାଟିକୁ ଥୋଇ,

ନିତି ଭାତ ନିଏ ନିଧି ପାଇଁ ।

ନିଧି ଚାହିଁ ଥାଏ ବିଲେ,

ଖାଏ ଯାହା ନିତି ମିଳେ ।

ମୁଣ୍ଡଝାଳ ତୁଣ୍ଡେ ମିଶିଯାଏ ତା'ର ଭୋକ ଶୋଷ ଆଉ ନୋହିଲା..

ପୂରୁବେ ସୂରୁଜ ଉଇଁଲା.......।୩।

ଛୋଟ ଛୁଆଟି ବିଲରେ ବସେ,

ଦୁହେଁ କାମ କରନ୍ତି ହରଷେ ।

ଟାଣ ଖରା ପଡିଲେ ମଉଳି,

ନିଧି ବିଲ କାମ ଦିଏ ସାରି ।

ତାଟିଆ କଂସାଟିକୁ ଧରି,

ଘରକୁ ଆସନ୍ତି ଫେରି ।

ଏ ନିତିଦିନିଆ କାମଟି ତାଙ୍କର, ସକାଳରୁ ସଞ୍ଜ ହୋଇଲା...

ପୂରୁବେ ସୂରୁଜ ଉଇଁଲା.......।୪।

ଘରେ ସଉପ ଖଣ୍ଡେ ପକାଇ,

ଛୋଟ ଛୁଆକୁ ପାଖେ ବସାଇ ।

ନିଧି ଦେହର ହାଲିଆ ମାରେ,

ନେତି ରାତିରେ ରୋଷେଇ ସାରେ ।

ବଗଡା ଚାଉଳ ଭାତ

ଡାଲି କରେ ସେ କୋଳଥ ।

ସୁଖେ ଖାଇ ମନ ଦୁଃଖ ନ କରନ୍ତି, ଦିନକର କାମ ସଇଲା...

ପୂରୁବେ ସୂରୁଜ ଉଇଁଲା.......।୫।

ନେତି ଘର କାମ ଶେଷ କରି,

ସେନ୍ତେରାରେ ଶେଜ ଦିଏ ପାରି ।

କନା ଗଣ୍ଠିଲି ମୁଣ୍ଡରେ ଦେଇ,

ଶୋଇ ପଡନ୍ତି ହରଷ ହୋଇ ।

ସୁଖର ସପନ ଦେଖି,

ବୁଜି ହୁଏ ଦୁଇ ଆଖି ।

ନିଧି ନେତିରିଙ୍କ "କାହାଣୀ ପସରା" ଏତିକିରେ ଇତି ହୋଇଲା...

ପୂରୁବେ ସୂରୁଜ ଉଇଁଲା.......।୬।

*****

ପ୍ରାଚୀ ବିହାର, ପଳାଶୁଣି,

ଭୁବନେଶ୍ୱର

# ଫୁଲ

ଦମୟନ୍ତୀ କିଶାନ



ଦୁଇ ଅକ୍ଷରରେ ଗଢା ତୁହି
ଦେଖିବାକୁ କେତେ ସୁନ୍ଦର
ନାନା ରଙ୍ଗରେ ମିଶା ତୁହି
ସଭିଁଏ ଅଟନ୍ତି ପ୍ରିୟ ତୋ'ର ।୧।

ବାର ମାସେ ତୋ' କେତେ ରୂପ
କେବେ ନାଲି କେବେ କମଳା
ରୂପରେ ତୋ' କି ଯାଦୁ ଅଛି
ସଭିଁଏ ତୋ' ପାଇଁ ବାଉଳା ।୨।

ଚତୁର୍ଦ୍ଦିଗେ ତୁ ଯେ ଘର କରିଅଛୁ
କି ସୁନ୍ଦର ତୋ' ପ୍ରାକୃତିକ ଶୋଭା
ଯେତେ ଦେଖିଲେ ବି ମାନେନି ମନ
ସୌନ୍ଦର୍ଯ୍ୟ ତୋ' କି ମନ ଲୋଭା ।୩।

କେଡେ ସୌଭାଗ୍ୟବତୀ ତୁହି
ପ୍ରିୟ ଅଟୁ ଦେବାଦେବୀଙ୍କର
ଶୋଭା ପାଉଥାଉ ନିତି ତୁହି
ସାଜି ତାଙ୍କ ଗଳାର ହାର ।୪।

ବାସନାରେ ତୋ'ର ମହୁଝରେ
ପିଇବାକୁ ତତେ ମନ ସାଜେ ଭଅଁର
ପ୍ରକୃତି ପ୍ରେମି ମଣିଷ ପାଇଁ
ପ୍ରେମିକାଟେ ଅଟୁ ତୁହି ତା'ର ।୫।

ମଣିଷ ପରି ତୋ' ଜୀବନ

ଅଟେ ଅଳପ ମୂହୁର୍ତ୍ତର

ସକାଳେ ଜନମି ରାତିକି ମରିଯାଉ

ସତ୍ୟ ଯେ ଏହା ସଂସାରର ।୬।

*****

ସୁନ୍ଦରଗଡ


# ଗଦ୍ୟ ବିଭାଗ

"ଜୀବନର ରାସ୍ତା ଅଙ୍କାବଙ୍କା ଓ ଅଣଓସାରିଆ, ଏହି ରାସ୍ତାରେ କେବେ ଲୁହର ସାଗର ଆସେ ତ ଆଉ କେବେ ଆସେ ଫୁଲର ଖୁସିମାନ । ଜୀବନର ଏଇ ହସ ଆଉ ଦୁଃଖର ସମୁଦ୍ର ଭିତରୁ, ହୀରାଠାରୁ ବି ଅଧିକ ମୂଲ୍ୟବାନ ଦୁଇ ସମ୍ପତି ଯାହା ଆମେ ପାଉଁଚିଛୁ ତାହାହେଲେ ଆମ "ବାପା" ଓ "ମା" "

**ସୋନାଲି ସ୍ୱାଇଁ**

# ଶିଶୁ ; ଶ୍ରମିକ ନୁହେଁ

ରୋଜା ପଣ୍ଡା



ଦୈନନ୍ଦିନର କାର୍ଯ୍ୟ ବ୍ୟସ୍ତତା ଭିତରେ ଆଜି ଟିକେ ଫୁରସତ ମିଳିଛି ଅନେକ ଦିନ ପରେ । ତମାମ୍ ଦିନର କାର୍ଯ୍ୟାଳୟଠୁ ଆରମ୍ଭ କରି ଉଚ୍ଚଶିକ୍ଷା ପାଇଁ ପାଠପଢା, ଘରକାମ ଏବଂ ଅନ୍ୟାନ୍ୟ ବାହ୍ୟ କାର୍ଯ୍ୟରୁ ଆଜି ପୁରାପୁରି ବିରତି ନେଇ ଭାବିଥିଲି ଛୁଟିଟିକୁ ଖୁବ୍ ମଜା ମସ୍ତିରେ କଟେଇଦେବି । ସବୁ ଜଞ୍ଜାଳରୁ ଅବସର ନେଇ ଆଜି ବାହାରିଲି ଗୋଟେ ବଡ ହୋଟେଲରେ ମଧ୍ୟାହ୍ନ ଭୋଜନର ଅଭିମୁଖେ । ମୋର ସହଯୋଗୀ ଥିଲେ ମୋର ସ୍ୱାମୀ । ଦୁହେଁ ମିଶି ହୋଟେଲରେ ପହଞ୍ଚିଲୁ । ହୋଟେଲର ସାଜସଜ୍ଜା ଥିଲା ଖୁବ୍ ମନମୁଗ୍ଧକର । ସୁନ୍ଦର ସୁନ୍ଦର ଚିତ୍ରପଟ ସାଙ୍ଗକୁ ବିଭିନ୍ନ ରଙ୍ଗର ଧପ୍ ଧପ୍ ଜଳୁଥିବା ଆଲୁଅ । ଖାଇବା ଟେବୁଲ ଗୁଡିକ ଯେମିତି ହୀରାରେ ତିଆରି ହେଇଛି, ଖୁବ୍ ସୁନ୍ଦର ।

ଆରାମଦାୟକ ଚୌକି ଉପରେ ମଖମଲି କପଡାମାନ ପଡିଛି । ଆମେ ଖାଇବା ଚୌକିରେ ବସି ଟେବୁଲ ଉପରେ ଥିବା ମେନୁକାର୍ଡ ଦେଖି ଖାଇବା ଅର୍ଡର କଲୁ । ଚାଇନିଜ଼ ଆଇଟମ ମୋର ବହୁତ ପସନ୍ଦ । ତେଣୁ ମେନୁ ଦେଖି ପ୍ରଥମେ ମୋର ପ୍ରିୟର ଦୁଇ ତିନିଟା ଚାଇନିଜ ଆଇଟମ ଅର୍ଡର କରିଦେଲି । ଆମେ ଖାଉଥାଉ । ସାମ୍ନାରେ ଦେଖିଲି ଗୋଟେ ନଅ କି ଦଶ ବର୍ଷର ପୁଅଟିଏ । ମାଟିଆ ରଙ୍ଗର ଗୋଟେ ଢିଲା ଗଞ୍ଜି ପିନ୍ଧିଛି ତା ସାଙ୍ଗକୁ ଅଧା ରଙ୍ଗ ଛାଡିଯାଇଥିବା ଜିନ୍ସ ପ୍ୟାଣ୍ଟ ଯାହାର ସ୍ଥାନେ ସ୍ଥାନେ ଚିରିଯାଇ ଅଲଗା ରଙ୍ଗର ସୂତାରେ ରଫ୍ ସିଲେଇ ପଡିଛି । ପାଦରେ ତା'ର ଗୋଡ଼ ମାପଠୁ ଚାରି ଆଙ୍ଗୁଳି ବଡ ହଳେ ପୁରୁଣା ପାତିଆ ଚପଲ । ତଥାପି ଓଠରେ ସ୍ମିତହାସ୍ୟ । ହାତରେ ଧରିଛି ଗୋଟେ ଧଳା କପଡା ଯାହା ତା'ର ପିନ୍ଧା ବସ୍ତ୍ରଠାରୁ ଖୁବ୍ ଚିକ୍ ଚିକ୍ ଆଉ ପରିଷ୍କାର ମଧ୍ୟ । ମୁଁ ତାକୁ ଦେଖି କିଛି ବୁଝିପାରିଲିନାହିଁ । ସେ କିଏ ? କାହା ସହିତ ଆସିଛି ? କିଛି ଖାଇବା ଅର୍ଡର ନକରି ହୋଟେଲର ଗୋଟେ କୋଣରେ ଠିଆ ହେଇଛି କ'ଣ ପାଇଁ ?

ଏତେ ଟେବୁଲ ଫାଙ୍କା ପଡିଛି, ସେ ବସୁନି କାହିଁକି ? ଏମିତି ଭାବୁ ଭାବୁ ଦେଖିଲି ସାମ୍ନା ଟେବୁଲରେ ଖାଉଥିବା ଦମ୍ପତି ଉଠି ଚାଲିଗଲେ । ସଙ୍ଗେ ସଙ୍ଗେ ସେଇ ଛୋଟ ପିଲାଟି ଆସି ତାଙ୍କ ଅଇଁଠା ଟେବୁଲ ସଫା କରିବାରେ ଲାଗିଲା । ଏସବୁ ଦେଖି ମୋ ଆଖି ଛଳଛଳ ହେଇଗଲା । ମୁଁ ଜାଣିଲି ପିଲାଟି ତାହାଲେ ଏଇ ହୋଟେଲର ଶିଶୁ ଶ୍ରମିକ । ମାନେ ସେ ଏଇ ହୋଟେଲରେ ଚାକିରୀ କରିଛି । ଏସବୁ ଦେଖି ପ୍ରଥମେ ମନେ ମନେ ପିଲାଟିର ବାପା, ମାଆଙ୍କୁ ବହୁତ ଗାଳିଦେଲି । କେମିତିକା ବାପା, ମାଆ କେଜାଣି ? ଏତେ ଛୋଟ ପିଲାଟିକୁ ପାଠ ନପଢେଇ ଏଇ ବୟସରୁ କାମ କରିବାକୁ ପଠେଇଛନ୍ତି । ବୋହୁତ ଖରାପ ଲାଗୁଛି । ପିଲାଟି ତା' କାମରେ ଲାଗିଥାଏ । ଅନ୍ୟ ଟେବୁଲର ଅଇଁଠା ଥାଳି ଉଠେଇ ଟେବୁଲ ସଫା କରୁଥାଏ । ବେଳେବେଳେ ମୋ ମୁହଁକୁ ଚାହିଁ ଛୋଟ ସ୍ମିତହାସ୍ୟଟିଏ ଦେଉଥାଏ । ମୁଁ ମଧ୍ୟ ତାକୁ ଦେଖି ବେଳେବେଳେ ହସି ଦେଉଥାଏ । କିଛି ସମୟ ପରେ ଦେଖିଲି ପିଲାଟି ନିଜ ପକେଟରୁ ଖଣ୍ଡେ କାଗଜ ବାହାରକରି କ'ଣ ସବୁ ଗୁଣୁ ଗୁଣୁ ହେଇ ପଢ଼ି ପକାଇଲା ।

ମୁଁ ତାକୁ ଇସାରା କରି ପାଖକୁ ଡାକିଲି । କ'ଣ ପଢୁଛ ବୋଲି ପଚାରିଲି । ସେ କହିଲା, ନାଇଁ ମାମ୍ କାଲିର ଖବର କାଗଜର ଖଣ୍ଡେ ଟୁକୁଡ଼ା । ସରକାର କ'ଣ ଗରିବ ପିଲାଙ୍କ ପାଇଁ ମାଗଣା ଶିକ୍ଷା ପ୍ରଦାନର ବ୍ୟବସ୍ଥା କରୁଛନ୍ତି ତ । ସେଇଟା ଦେଖୁଥିଲି । ପିଲାଟି ମୁହଁରେ ପାଠ ପଢ଼ିବାର ଆଗ୍ରହ ସ୍ପଷ୍ଟ ଭାବରେ ଦେଖାଯାଉଥିଲା । ମୁଁ ଭାବିଲି ତାକୁ ପାଠ ପଢିବାରେ କିଛି ସାହାଯ୍ୟ କରିବି । ଆମେ ଖାଇସାରି ହାତ ଧୋଇବା ପାଇଁ ବେସିନ ପାଖକୁ ଗଲୁ । ସେଇଠି ପିଲାଟି ଅଇଁଠା ବାସନ ସଫା କରୁଥିଲା । ମୁଁ ପିଲାଟିକୁ ତା'ର ପାଠପଢା ବିଷୟରେ ପଚାରିଲି । ସେ କହିଲା ଯେ, ତା ବାପା ରାସ୍ତା ଦୁର୍ଘଟଣାରେ ପଙ୍ଗୁ ହେଇଯାଇଛନ୍ତି । ମାଆ ବୁଲି ବୁଲି ବାସନ ମାଜି ଘର ଚଳାଉଛି । ସେ ପାଠ ପଢୁଥିଲା । ହେଲେ ଏଇ ହୋଟେଲ ମାଲିକ ଚାକିରୀ କରେଇଦେବ କହି ତା ମାଆକୁ କିଛି ଟଙ୍କା ଦେଇ ତାକୁ ଏଠିକୁ ନେଇଆସିଲା । ଏତିକି କହୁ କହୁ ହୋଟେଲ ମାଲିକ ହଠାତ ଆସି ତା' ହାତଟିକୁ ଜୋର୍ କରି ଧରି ଟାଣି ଟାଣି ଭିତରକୁ ନେଇଗଲେ । ଭିତରୁ କେବଳ ଶବ୍ଦ ଶୁଣାଗଲା ଯେ, ବଦମାସ !

କଷ୍ଟମରଙ୍କୁ ବିରକ୍ତ କରୁଛୁ । ଯା, ସେ ବାସନ ସବୁ ମାଜି ସଫା କର । ଟେବୁଲ କ୍ଲଥ୍ ସବୁ ସଫା କର । ବାସ୍ ଏତିକି । ଆଉ ସେ ପିଲାକୁ ଆମେ ସେଠୁ ଆସିବା ପର୍ଯ୍ୟନ୍ତ ଦେଖିନାହୁଁ । ଭିତରେ ସେ କାମ କରୁଥିଲା । କେବଳ ବାସନର ଝଣ୍ ଝଣ୍ ଆବାଜ ଆସୁଥିଲା । ଆମେ ନିରୁପାୟ ଥିଲୁ । ଇଚ୍ଛା ଥାଇ ବି ସେ ପିଲାକୁ ସାହାଯ୍ୟ କରିପାରିନଥିଲୁ । କେବଳ ଅନୁତାପ କରୁଥିଲୁ ଆମ ସମାଜର ଏଇ ନୀଚ କାମ ପାଇଁ । ଛିଃ....ଆମେ ପରା ଶିକ୍ଷିତ । ତେବେ ଏହା କ'ଣ ଆମ ଶିକ୍ଷା ଓ ସଂସ୍କାର ? ଗୋଟେ ନିରୀହ ଛୋଟ ଶିଶୁକୁ ପାଠ ପଢାରୁ ବଞ୍ଚିତ କରି ତା' ଦ୍ୱାରା ନିଜ କାମ ହାଲକା କରିବା । ଯେଉଁ ଶିଶୁର ଆଗମନରେ ଘର ପୁରିଉଠେ, ବଂଶ ଉଦ୍ଧାର ହୁଏ ସେଇ ଶିଶୁକୁ ଆମେ ଶ୍ରମିକ ରୂପରେ ନିୟୋଜନ କରିବା କେତେ ଦୂର ଠିକ୍ ? ଏହା କ'ଣ ଆମ ସମାଜ ପାଇଁ ପ୍ରଶ୍ନବାଚୀ ନୁହେଁ କି ? ନିଜର ଛୋଟ ଶିଶୁ ଦେହରେ ମଶାଟିଏ ବସିଲେ ଆମେ ମ୍ୟାଲେରିଆ ହେବାର ଆଶଙ୍କାରେ ତାକୁ ମଶାରି ଭିତରେ ଶୁଆଉଛେ ତେବେ ସେଇ ମନୁଷ୍ୟ ହେଇ ଆମେ ଅନ୍ୟର ଶିଶୁକୁ କିପରି ଭାବରେ

କାମରେ ଲଗାଉଛେ ? ଆସନ୍ତୁ ନା ନିଜକୁ ବଦଳାଇବା । ନିଜର ଘୃଣ୍ୟ ଚିନ୍ତାଧାରାକୁ ବଦଳାଇବା । ଶିଶୁ ଶ୍ରମିକ ବନ୍ଦ କରିବା । କୋମଳମତି ଶିଶୁକୁ ତାର ଅଧିକାର ଦେବା । ତାର କୋମଳ ହାତରେ ଇଟା, ପଥର, ଅଇଁଠା ବାସନ ପରିବର୍ତ୍ତେ କଲମ, ବହି, ସିଲଟ ଧରାଇଦେବା । ହାତରେ ହାତ ମିଶାଇ ଏହି ଛୋଟିଆ ପ୍ରୟାସ ମାଧ୍ୟମରେ ଭାରତରୁ ଶିଶୁ ଶ୍ରମିକ ହଟେଇଦେବା । ଶିଶୁ ହେଉଛନ୍ତି ସାକ୍ଷାତ ଈଶ୍ୱର । ସେ ଆମ ସମସ୍ତଙ୍କର । ଆସନ୍ତୁ ଆଜି ହିଁ ସେମାନଙ୍କ ଭବିଷ୍ୟତ ଗଢିତୋଳିବାରେ ଛୋଟିଆ ଦୀପଟିଏ ସାଜିବା । ଶିଶୁମାନେ ଆମର ଆଗାମୀ ଭବିଷ୍ୟତ । ତାଙ୍କୁ ସୁରକ୍ଷିତ ରଖିବା । ମୁଁ ତ ଏହି ପ୍ରୟାସରେ ଯୋଗ ଦେଇସାରିଛି । ଆଉ ଆପଣମାନେ ?

*****

ପୂର୍ଣ୍ଣାନନ୍ଦ ଭବନ,
ନେତାଜୀ ନଗର,
ମଧୁପାଟଣା, କଟକ

# ପ୍ରତିଶ୍ରୁତି

ତପସ୍ୱିନୀ ଦାଶ ଷଡଙ୍ଗୀ

ହିତେନ୍'ର ସାଙ୍ଗମାନେ ତା'କୁ ଟାଣୁଛନ୍ତି ବରଯାତ୍ରୀରେ ତାଙ୍କ ସହିତ ନାଚିବାକୁ । ହେଲେ ସେ ଖୁସି ନାହିଁ ଏ ବାହାଘରରେ । ନାଚର ତାଳେ ତାଳେ ରୋଷଣୀ ଆଗେଇ ଚାଲିଛି କନ୍ୟାଘର ଅଭିମୁଖେ । ଆଉ ବୋଧେ ୩୦୦ କି ୪୦୦ ମିଟର ବ୍ୟବଧାନ । ହିତେନ୍ ନିଜକୁ ଧିକାରି ଚାଲିଛି ଏ କ'ଣ କିଛି କାଗଜର ବିଡା ଆଗରେ ସେ ବିକ୍ରୀ ହୋଇଗଲା ? ରୀତିକୁ ଦେଇଥିବା ପ୍ରତିଶ୍ରୁତିକୁ କେମିତି ଭୁଲିଗଲା ? ତା' ସହିତ କ'ଣ ଭଲପାଇବା ମିଛ ଥିଲା ? ଏମିତି ଅନେକ ପ୍ରଶ୍ନ ମନରେ ଉଙ୍କି ମାରୁଥିଲା ।ସେ ଭାବନା ରାଇଜରେ ଚାଲି ଯାଇଥିଲା ୫ ବର୍ଷ ପୂର୍ବକୁ । ତା'ର ମନେ ପଡୁଥିଲା ରୀତି ସହିତ ପ୍ରଥମ ଦେଖାର କଥା । ସେଦିନ ତା' ବ୍ୟାଙ୍କର ବାହାରେ ଦେଖା ହୋଇଥିଲା ରୀତି ସହିତ ।

ହିତେନ୍ ପେଶାରେ ଜଣେ ବ୍ୟାଙ୍କ୍ ମ୍ୟାନେଜର୍ । ସେ ସେଦିନ ବ୍ୟାଙ୍କରୁ ବାହାରୁ ବାହାରୁ ନଜର ପଡିଥିଲା ଝିଅଟି ଉପରେ । ବ୍ୟାଙ୍କ୍ ବାରଣ୍ଡାରେ ଠିଆ ହୋଇଥିଲା । ଢୁ ଢୁ ବର୍ଷା ମନରେ ଅନେକ ଆଶଙ୍କା ଆଉ ବିବ୍ରତ ସ୍ପଷ୍ଟ ବାରି ହେଉଥିଲା ତା' ମୁହଁରୁ । ହିତେନ୍ ଭାବିଲା ବିଚରା ଝିଅଟି ଏତେ ବର୍ଷାରେ କୁଆଡେ ଯିବ ସନ୍ଧ୍ୟା ହୋଇ ଆସିଲାଣି । ନିଃସଙ୍କୋଚରେ ଯାଇ ପଚାରିଲା ଏକ୍ସକ୍ୟୁଜ୍ ମି, ମେ ଆଇ ହେଲ୍ପ ୟୁ ? ନାଇଁ କିଛି ଦରକାର ନାହିଁ । ମୁଁ ଅଟୋ ଡାକି ଚାଲିଯିବି । ମେଡିସିନ୍ ନେଇକି ଗଲେ ବାପା ଖାଇବେ, ସେ ଜଣେ ଶ୍ୱାସ ରୋଗୀ । ଧୀରସ୍ୱରରେ ଉତ୍ତର ଦେଲା ଝିଅଟି । ଆରେ ବାଃ ଅଟୋ ଡାକି ଯାଇ ପାରିବ ହେଲେ ମୋ ସହ କାରରେ ଯାଇ ପାରିବ ନାହିଁ ? ମୋ ଉପରେ ଭରସା କର ଆଉ ଆସ ମୁଁ ଛାଡି ଦେବି । ବୁଝୁଛି ଆଜି କାଲି ଯୁଗ ଯେମିତି ହେଲାଣି ନା... କହିଲା ହିତେନ୍ । ଝିଅଟି ଆସି କାରରେ ବସିଲା । ରୂପ ଗୁଣ ଆଉ ଶାଳିନତାରେ ବୋଧେ ତା' ସରି କିଏ ହେବେନି ମନେ

ମନେ ଭାବୁଥିଲା ହିତେନ୍ । ପଚାରିଲା ତୁମ ନାଁଟି ଜାଣି ପାରିବି କି ? ମୋ ନାଁ ରୀତି କହିଲା ଝିଅଟି । ଆଚ୍ଛା ତୁମ ଘରେ କିଏ କିଏ ଅଛନ୍ତି ? ହିତେନ୍ ପଚାରିଲା ମୁଁ ମୋ ବୋଉ ଆଉ ବାପା । ମୁଁ ଟ୍ୟୁସନ୍ କରେ +୨ ସାଇନ୍ସ ପିଲାଙ୍କୁ, ମୋ ବୋଉ ସିଲେଇ କରେ, ମୋ ବାପାଙ୍କର ଦୋକାନ ଥିଲା କିନ୍ତୁ ଦେହ ଅସୁସ୍ଥ ସକାଶେ ଏବେ ଘରେ । ତାଙ୍କ ପାଇଁ ମେଡିସିନ୍ ଆଣିଛି ଗଲେ ସେ ଖାଇବେ ରୀତି କହିଲା । ଆରେ ଆମ ଘର ଆସିଗଲା । ଆପଣ ଏଠି ଗାଡି ରଖନ୍ତୁ କହିଲା ରୀତି । ହିତେନ୍ ଗାଡି ରଖିଦେଲା । ସ୍ମିତହାସ୍ୟ ଦେଇ କହିଲା ନାଇସ୍ ଟୁ ମିଟ୍ ୟୁ, ଉଇ ଉଇଲ୍ ମିଟ୍ ଭେରି ସୁନ୍, ଇଫ୍ ୟୁ ଡୋଣ୍ଟ୍ ମାଇଣ୍ଡ୍ ଗିଭ୍ ୟୋର ମୋବାଇଲ୍ ନଂ । ରୀତି ନିଜ ନମ୍ବର ଦେଲା ଆଉ ଅଶେଷ ଧନ୍ୟବାଦ କହିକି ଘର ଭିତରକୁ ଚାଲିଗଲା ରୀତି । ଗାଡି ବୁଲେଇ ହିତେନ୍ ତା' ଘର ଅଭିମୁଖେ ବାହାରିଲା । କିନ୍ତୁ ସେ ହସ ସେ ଶାନ୍ତ ମଧୁର କଥା ବାର୍ତ୍ତା ବାରମ୍ବାର ମନକୁ ତା'ର ଆନ୍ଦୋଳିତ କରୁଥିଲା ।

ସତରେ କେତେ ଭଲ ଝିଅଟିଏ । ସେ ନିଜକୁ ସମ୍ଭାଳି ନପାରି ଆସୁ ଆସୁ ତା ବାପା ମାନେ ନିରଞ୍ଜନବାବୁ ଆଉ ମା' ବାସନ୍ତୀ ଦେବୀଙ୍କ ଆଗରେ କହିଦେଲା ସେ ରୀତିକୁ ପ୍ରଥମ ଦେଖାରେ ମନ ଦେଇ ଦେଇଛି ଆଉ ତାକୁ ହିଁ ବିବାହ କରିବ । ନିରଞ୍ଜନବାବୁ ଜଣେ ରିଟାୟାର୍ଡ୍ ଆର୍ମି ଅଫିସର୍, ନିୟମ କାନୁନରେ ତାଙ୍କ ଜୀବନଶୈଳୀ ବନ୍ଧା । କହିଲେ ସେ ଝିଅ କେଉଁଠାର, ତା' ବାପା ମା' ବଂଶ ବୁନିଆଦି କ'ଣ ତୁ ଜାଣିଛୁ ? ଆରେ ତୁମେ ଧୈର୍ଯ୍ୟଧର ଆଗ ପୁଅକୁ କହିବାକୁ ଦିଅ । ସେ କ'ଣ ଖରାପ ଦେଖିଥିବ । ତା' ଜୀବନ କଥା ଯାହା ହେଲେ ବି...କହିଲେ ବାସନ୍ତୀ ଦେବୀ । ହିତେନ୍ ରୀତିର ପରିବାର ବିଷୟରେ ସବୁ କହିଲା ଯାହା ରୀତି କହିଥିଲା । ଏ ସବୁ ଶୁଣି ତା' ବାପା ମା'ଙ୍କ ମନ ମରିଗଲା । ହେଲେ କ'ଣ କରିବେ ଗୋଟିଏ ପୁଅ ତା' ଖୁସିରେ ହଁ ଭରିଲେ । ହଉ ତେବେ କେବେ ଯିବା କହ ତାଙ୍କ ଘରକୁ ପଚାରିଲେ ବାସନ୍ତୀ ଦେବୀ । ଆସନ୍ତା ରବିବାର ଗଲେ କେମିତି ହେବ କହିଲେ ନିରଞ୍ଜନବାବୁ ।

ସାଙ୍ଗେ ସାଙ୍ଗେ ହିତେନ୍ ଫୋନ୍ କରିକି ରୀତିକୁ ନିଜ ମନ କଥା ଜଣାଇଲା ଆଉ ଆସନ୍ତା ରବିବାର ବାପା ମା'ଙ୍କୁ ଧରି ତାଙ୍କ ଘରକୁ ଯିବା କଥା ଜଣାଇଲା । ହେଲେ ତୁମେ କୁହ ତୁମର ମତାମତ କ'ଣ ? ଦେଖନ୍ତୁ ମୋ ବାପା ମା'ବି ଅନେକ ସ୍ୱପ୍ନ ଦେଖୁଛନ୍ତି ମୋ ବାହାଘର ପାଇଁ, ପକ୍ଷୀରାଜ ଘୋଡା ଚଢି ମୋ ରାଜକୁମାର ଆସିବ ଆଉ ମୋତେ ସାଥିରେ ନେଇଯିବ, କିନ୍ତୁ ସେମାନଙ୍କ ପାଖେ ଏତେ ଧନ ବି ନାହିଁ ଯାନି ଯୌତୁକ ଦେଇ ମୋତେ ବିଭା କରିବାକୁ । ମୁଁ ବି ଯୌତୁକ ପ୍ରଥାକୁ ଘୃଣା କରେ । ଆପଣଙ୍କର ଏତେ ବଡ଼ ଲୋକ ଆଉ ଆପଣ ଜଣେ ସୁଯୋଗ୍ୟ ବରପାତ୍ର, ଆପଣଙ୍କୁ ବଡ଼ ଘରର ଝିଅ ମିଳିବେ । ଆପଣ ମୋତେ ବିବାହ କଲେ କିଛି ପାଇବେନି... କହିଲା ରୀତି । ଆରେ ବାବା ମୁଁ ତୁମକୁ ବିଭା ହେବି ତୁମ ଯୌତୁକକୁ ନୁହେଁ । ମୁଁ ଯୋଗ୍ୟ, ଆତ୍ମନିର୍ଭରଶୀଳ । ତୁମେ ଖାଲି ହଁ କରିଦିଅ । ଆମର କିଛି ଦରକାର ନାହିଁ କହିଲା ହିତେନ୍ ... କହିକି ଫୋନ୍ ରଖିଦେଲା ।

ରୀତି ସେଦିନ ରାତି ସାରା ବହୁତ ଚିନ୍ତା କଲା ପରେ । ତା' ପରଦିନ ତା’ ଘର ଲୋକଙ୍କ ଅନୁମତିରେ ହଁ ଭରିଲା ହିତେନକୁ ଫୋନ୍ ଯୋଗେ କହିକି । ରବିବାର ଆସିଲା । ଦିନ ୪ଟା ପାଖାପାଖି ରୀତିର ଘର ସାମ୍ନାରେ ବ୍ଲୁ ରଙ୍ଗର କାର୍ ଲାଗିଲା । ଆଉ ସେଥିରୁ ଓହ୍ଲେଇଲେ ହିତେନ୍, ତା’ର ବାପା, ମା, ବଡ଼ ଭଉଣୀ ଓ ଭିଣେଇ । ସେମାନଙ୍କୁ ଦେଖି ରୀତିର ବୋଉ ସାବିତ୍ରୀ ଦେବୀ ଝଅଟ ଯାଇ ପାଛୋଟି ଆଣିଲେ । ବହୁତ ପୁରୁଣା ଘର ଠାଏ ଠାଏ କାନ୍ଥ ଫାଟି ଯାଇଛି, ଛାତ ସନ୍ଧିରୁ ଓସ୍ତ ବର ଗଛ ବାହାରିଛି । ଏସବୁ ଦେଖି ବାସନ୍ତୀ ଦେବି ଆଉ ହିତେନର ଭଉଣୀ ମିନତିଙ୍କ ନାକ ମୁଣ୍ଡ ଉପରେ ଲାଗି ଯାଉଥିଲା । କ’ଣ ବା କରନ୍ତେ ଏକୋଇର ବଳା ବିଶିକେଶନର ଖୁସିରେ ଖୁସି ହେବାକୁ ବାଧ୍ୟ । ବହୁତ ସମୟ କଥା ବାର୍ତ୍ତା ପରେ, ରୀତିର ବାପା ରବିବାବୁ କହିଲେ ଆଜ୍ଞା ମୁଁ ଖାଲି ମୋ ଝିଅକୁ ଦେଇ ପାରିବି । ସେ ଏକା ମୋର ଅମୂଲ୍ୟ ଧନ, ଯାନି ଯୌତୁକ ଆପଣଙ୍କ ଖାନଦାନୀକୁ ଦେବାର ଯୋଗ୍ୟତା ମୋର ବା

କାହିଁ । ମୋର ସକ୍ଷମକୁ ଦେଖିକି ଯାହା ଦେବି । ଆରେ, ଆପଣ ଏମିତି କ'ଣ କହୁଛନ୍ତି, ଆମେ ଆମ ପୁଅର ଖୁସିରେ ଖୁସି । ସେ କହିବାରୁ ଆମେ ଆସିଲୁ ଆଉ ଆପଣଙ୍କ ଝିଅକୁ ବୋହୂ କରିକି ନେବୁ କହିଲେ ନିରଞ୍ଜନବାବୁ । ତାଙ୍କ କଥାକୁ ହଁ ଭରି ବାସନ୍ତୀଦେବୀ ମୁଦିଟାଏ ରୀତି ହାତରେ ପିନ୍ଧାଇ ଦେଲେ । ଆଉ କହିଲେ ଆସନ୍ତା ମେ ୧୨ରେ ବାହାଘର କରିବା, ମାନେ ଆଉ ଦୁଇ ମାସ ରହିଲା । ହେଉ ଆଜ୍ଞା ଆପଣ ମାନଙ୍କ ଯାହା ଇଛା କହିଲେ ସାବିତ୍ରୀ । ତାପରେ ବିବାହ ଆୟୋଜନ ହେଲା । ରୀତିର ମା' ବାପା ତାଙ୍କର ଖଣ୍ଡେ ଛୋଟିଆ ଯାଗା ଥିଲା ତାକୁ ଦୁଇ ଲକ୍ଷରେ ବିକ୍ରୀ କଲେ, ତା'ର ମା ସାବିତ୍ରୀ ଦେବୀ ନିଜର ପୁରୁଣା ସୁକି ମାଳକୁ ବଦଳାଇ ଝିଅ ପାଇଁ ଛୋଟିଆ ଚେନ୍ ଖଣ୍ଡେ କଲେ । କ'ଣ ବା କରନ୍ତେ ଭଗବାନ ତ ଧନରେ ଗରିବ କରିଛନ୍ତି, ଗୋଟେ ବୋଲି ଝିଅ, ପୁଣି ବଡ଼ ଘରେ ବାହା ହେଉଛି । ଏ ସବୁ ରୀତିକୁ ବହୁତ କଷ୍ଟ ଦେଉଥାଏ । ସଂସାରର ଏ କଦର୍ଯ୍ୟ ପ୍ରଥାକୁ ଧିକାରୁ ଥାଏ ।

ମେ ୧୨ ଆସିଗଲା, ବାହାଘର ବି ହୋଇଗଲା, ଝିଅ ବିଦା ହୋଇ ଶାଶୁଘରକୁ ଗଲା । ଓଡିଆ ଘର ପରମ୍ପରା ଅନୁସାରେ ମିନତି ଦୁଆର ବନ୍ଧରେ ଅଟକାଇଲା ଭାଉଜକୁ, ଭାଉଜ ହସି ହସି ଆଣିଥିବା ସୁନା ମୁଦିଟି ବଢେଇ ଦେଲା ତା'କୁ, ହେଲେ ଏ କ'ଣ ? ଏ ମୁଦି ଧରୁ ଧରୁ ବଙ୍କା ହେଇ ଯାଉଛି, ଇଏ କି ମୁଦି ବା, ହେଇଟି ହିତେନ୍ ତୋରି ଖୁସି ଲାଗି ମୁଁ କିଛି କହୁନି ବୁଝିଲୁ । ତୋ ପାଦ ତଳେ କେତେ ବଡ଼ ବଡ଼ ଘର ଝିଅ ଲୋଟି ପଡୁଥିଲେ, ହେଲେ ଛାଡ୍ ତୋ ଇଚ୍ଛା, ଗରଗର ହୋଇ କହିଲା ମିନତି । ଏସବୁ ଶୁଣି ରୀତି ନିଜ ଲୁହକୁ ଅଟକାଇ ପାରିଲାନି । ହୁଏତ ସେ ନାରୀର ଏ ରୂପଟିକୁ ନୂଆ ଦେଖୁଥିଲା । ବନ୍ଦାପନା ହୋଇ ଘରକୁ ଗଲା, ଘରେ ଅନେକ ବନ୍ଧୁଙ୍କ ଆସର, କେହି ଜଣେ ଆସି ରୀତିର ବେକ ଅଣ୍ଟାଳି ପକାଇ କହି ଉଠିଲା, ଏ ବୋଧେ ଅଧା ଭରି ବି ହେବନି ନାଇଁ ଲୋ ବାସନ୍ତୀ ଭାଉଜ । କ'ଣ କରିବି କହୁନ ପୁଅର ଜିଦ୍ ସେଠି ବାହା ହେବାକୁ, ନହେଲେ ଏ ଘର ଯାନି ଯୌତୁକରେ ଭରି ଯାଇଥାଆନ୍ତା

ମୁହଁ ଶୁଖାଇ କହିଲେ ବାସନ୍ତୀ ।

ଏମିତି ଦିନ ପରେ ଦିନ ବିତିଲା । କଥା କଥାରେ ରୀତିକୁ ଶୁଣିବାକୁ ପଡୁଥିଲା ଆମ ପୁଅର ଖୁସି ସକାଶେ ଆମେ ତତେ ବୋହୂ କରିକି ଆଣିଥିଲୁ । ଯେମିତି ସେ ସେଇ ଘରେ ଅଲୋଡା ଅନ୍ୟ ମାନଙ୍କ ପାଇଁ । ପୋଇଲି ପରି ଖଟେ, ଖାଇବା ନ'ଖାଇବା କଥା କେହି ପଚାରନ୍ତିନି ହିତେନ୍ ଛଡା । ହିତେନ୍ ସବୁ ଦେଖେ ଶୁଣେ ହେଲେ ଚୁପ୍ ରହେ । କ'ଣ ବା କରିବ ? ଭାବୁଥାଏ ମନେ ମନେ । ମୁହଁ ଖୋଲିଲେ ସ୍ତ୍ରୀ ବୋଲକରା କହିବେ ସମସ୍ତେ ଭାବି ଚୁପ୍ ରହେ । ରୀତି ଉପରେ ୧୪୪ ଧାରା ବାପା ମା' ସହିତ କଥା ନ ହେବାକୁ, ବିଚାରି ଏକ ବନ୍ଦିନୀ ଜୀବନ କାଟୁଥିଲା । ଆଉ କେତେ ବା ସହିବ । ଝିଅଟିଏ ସବୁ ଅତ୍ୟାଚାର ସହେ କିନ୍ତୁ ନିଜ ବାପା ଆଉ ମା'ଙ୍କର ଅପମାନ ସହି ପାରେନା । ସେ ଭାବୁଥିଲା ଘରେ ଶାଗ ପଖାଳ ଖାଇ ଅଲିଅଳିରେ ବଢିଥିଲି ହେଲେ ଏଠି ପାଦ ପୋଛା କନା ସହିତ ସମାନ ।

ସେ ଦିନେ ହିତେନକୁ କହିଲା ଦେଖ ମୁଁ ତୁମ ଭରସାରେ ଏ ଘରକୁ ଆସିଥିଲି, ଭାବିଥିଲି ଉଭୟ ସୁଖ ଦୁଃଖରେ ସମଭାଗୀ ହେବା, ତୁମେ ମତେ ଏଠି ସୁନା ପଞ୍ଜୁରୀ ଶାରୀ ବନେଇ ଦେଇଛ, ମୋତେ ଦେଇଥିବା ପ୍ରତିଶ୍ରୁତି ଭୁଲି ଯାଇଛ । ମାନୁଛି ତୁମର ବହୁତ କର୍ତ୍ତବ୍ୟ ଅଛି ତୁମ ବାପା ମା'ଙ୍କ ପ୍ରତି ହେଲେ ସ୍ତ୍ରୀ ପ୍ରତି କ'ଣ କିଛି ନାହିଁ । ବିନା ଦୋଷରେ ଦୋଷୀ ମୁଁ ହେଲେ ତୁମେ କେବେ ଚେଷ୍ଟା କରିନ ବୁଝିବାକୁ । ବହୁତ ହୋଇଗଲା ଏ ସବୁ ମୁଁ ତୁମ ଦୁନିଆଁରୁ ଚାଲି ଯାଉଛି । ଏଇ ତିନି ଚାରି ବର୍ଷର ସମ୍ପର୍କକୁ ସ୍ୱପ୍ନ ବୋଲି ଭୁଲି ଯିବ । ଏତିକି କହି ରୀତି ସବୁଦିନ ପାଇଁ ଛାଡି ଚାଲିଗଲା ହିତେନକୁ । ହିତେନ୍ ବି କେବେ ଚେଷ୍ଟା ବି କରିନି ରୀତି କଥା ବୁଝିବାକୁ । ଏଇ ଭିତରେ ଆହୁରି ଦୁଇ ବର୍ଷ ବିତି ଯାଇଛି, ହିତେନର ଘର ଲୋକ ଅନ୍ୟ ଜାଗାରେ ବଡ଼ ଘର ଦେଖି ବାହାଘର ଠିକ୍ କରିଛନ୍ତି, ଆଜି ବାହାଘର । ବାଣର ଶବ୍ଦରେ ସେ ଚମକି ଉଠିଲା, ଆଉ ଭାବନା ରାଇଜରୁ ବାହାରି ଆସି ଦେଖିଲା ଝିଅ ବାହାଘର ପାଖେ ।

କିଂ କର୍ତ୍ତବ୍ୟ ବିମୂଢ଼ ସେ ଏବେ, ମନରେ ରୀତିକୁ ରଖିଛି, ରୀତି ପ୍ରତି କରିଥିବା ଅନ୍ୟାୟକୁ ହୃଦୟଙ୍ଗମ କରୁଛି, ଯଦି ସେ । ଏଠି ବିବାହ କରୁଛି ତିନିଟା ଜୀବନ ନଷ୍ଟ ହୋଇଯିବ, ସେ ଟଙ୍କା ଆଗରେ ବିକ୍ରୀ ହୋଇଯିବ । ଏମିତି ଅନେକ କଥା ତା' ମନରେ । ରୀତିକୁ ଦେଇଥିବା ପ୍ରତିଶ୍ରୁତି ଆଗରେ ସେ କେମିତି ଝୁଙ୍କି ଯିବ । ସତରେ ଯୌତୁକକୁ ରୀତି ଘୃଣା କରୁଥିଲା, ଆଉ ମୁଁ ତା କଥାକୁ ସମ୍ମାନ ଦେଉଥିଲି ହେଲେ ଆଜି ମୁଁ ସେ ଯୌତୁକ ଆଗେ ନତମସ୍ତକ ? ଛି ! ନିଜକୁ ଧିକାରି ସେ ଧାଇଁଲା ରୀତି ପାଖକୁ, ହେଲେ ଇଏ କ'ଣ ରୀତି ଘରେ ଦେଖିଲା ରୀତି ଫଟୋ ଉପରେ ଫୁଲ ମାଳ । ରୀତିର ମା' ହିତେନକୁ ଦେଖି କହିଲେ ତୁମେ ଡେରି କରିଦେଲ ବାବୁ, ମୋ ରୀତି ଏବେ ଏ ଦୁନିଆଁରେ ନାହିଁ । ହେଲେ ଛାଡି ଯାଇଛି ତା'ର ସନ୍ତକ । ମାନେ ତୁମ ଝିଅ ଆକାଂକ୍ଷା । ତୁମ ଘରୁ ଆସିଲା ବେଳକୁ ସେ ଗର୍ଭବତୀ ଥିଲା, ଆଉ ସେ ଝିଅକୁ ଜନ୍ମଦେଇ ସର୍ଭାଇକାଲ୍ କ୍ୟାନ୍ସରରେ ଆଖି ବୁଜିଲା ଏଇ ବର୍ଷେ ହେବ ।

ଘୃଣା ଅନୁଶୋଚନା ଆଉ ଅନୁତାପ ନିଆଁରେ ଜଳୁଥିଲା ହିତେନ୍ କହିଲା ରୀତି ତୁମକୁ ଦେଇଥିବା ପ୍ରତିଶ୍ରୁତି ମୁଁ ରଖି ପାରିଲିନି, ହେଲେ ଆମ ପ୍ରେମର ସନ୍ତକ ଆକାଂକ୍ଷାକୁ ଏଇ ତା'ର ବାପା ହିତେନ୍ ରାଉତରାୟ ପ୍ରତିଶ୍ରୁତି ଦେଉଛି, ନିଜେ ବାପା ଆଉ ମା' ଉଭୟଙ୍କ ସ୍ନେହ ଦେଇ ବଡ଼ କରିବ । ଏଇଟା ତୁମ ଆଗେ ମୋର ପ୍ରତିଜ୍ଞା ।

*****

ବେଙ୍ଗାଲୁରୁ

# ଜୀବେଦୟା ଏବଂ ତା'ର ସୁରକ୍ଷା

ଶିବ ଚରଣ ମହାପାତ୍ର

କିଛି ଦିନ ଆଗରୁ ମୋର ଜଣେ ବନ୍ଧୁ ଛୋଟିଆ ଅଭିଯୋଗ ଟିଏ ଆଣି ମୋ ପାଖରେ ଉପସ୍ଥାପନା କଲେ କି ତାଙ୍କ ମା'ଙ୍କ ବୟସ ଯେହେତୁ ଷାଠିଏ ଟପିଲାଣି ତେଣୁ ସେ ଆଉ ଘରର କୌଣସି କାମ ପାଇଟି ନକରି ବସି ରହିବା ଉଚିତ୍ । କିନ୍ତୁ ସେ କିଛି ନ ଶୁଣି ଗାଈ, ଛେଳି, କୁକୁଡ଼ା ବଢେଇ ଚାଲିଛନ୍ତି ଏବଂ ତାଙ୍କର ଯତ୍ନ ନେଇ ଚାଲିଛନ୍ତି । ମୁଁ ତାଙ୍କ କଥା ଶୁଣି ଟିକିଏ ମୁରୁକି ହସି କହିଲି, -" ଦେଖ୍ ଭାଇ, ସେମାନେ ହେଲେ ପୁରୁଣା କାଳର ଲୋକ, ତେଣୁ ତାଙ୍କୁ ଯେତେ ବୁଝେଇଲେ କ'ଣ ସେମାନେ ବୁଝିବେ ? ହଉ ଛାଡ ସେକଥା ।" ଏମିତି କହି ମୁଁ ତାଙ୍କ କଥା ବୁଲେଇ ନେଇଥିଲି । ସେଦିନ ତାଙ୍କ କଥାକୁ ଆଡେଇ ଯିବା ପଛରେ ମୋର ଦୁଇଟି ଉଦ୍ଦେଶ୍ୟ ଥିଲା ।

ପ୍ରଥମତଃ ନିଜକୁ ଶ୍ରେଷ୍ଠ ମଣୁଥିବା ମୋ ବନ୍ଧୁଙ୍କୁ ଅନ୍ୟ ଉପଦେଶ ନିମ୍ବ ଠାରୁ ଅଧିକ ପିତା ଲାଗେ ଯଦିଓ ତାହା ଦେହପକ୍ଷେ ହିତକର ତଥାପି ଗ୍ରହଣ କରିବା ପାଇଁ ସେ କେବେ ପ୍ରସ୍ତୁତ ନୁହନ୍ତି । ଦ୍ୱିତୀୟଟି ଏହି ସ୍ତରରେ ନିଜର ଚିନ୍ତା ଚେତନା ରଖି ଜୀବନ ନିର୍ବାହ କରୁଥିବା ମଣିଷ ମାନେ ଜୀବେଦୟା କ'ଣ ଏବଂ ସମାଜ ପରିବେଶ ଉପରେ ଏହାର କଣ ସକାରାତ୍ମକ ପ୍ରଭାବ ପଡେ ତାହା କେବେ ଜାଣିବାକୁ ଚାହାଁନ୍ତି ନାହିଁ । ତେଣୁ ସେମାନଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ହେଲେ ତର୍କ ବିତର୍କ ସହିତ ପ୍ରାମାଣିକ ତଥ୍ୟ ତାଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ହୁଏ, ଯାହା ପାଇଁ ସେଦିନ ମୋ ପାଖରେ ପର୍ଯ୍ୟାପ୍ତ ସମୟ ନଥିଲା । ଏବେ ଆସିବା ମୁଖ୍ୟ ପ୍ରସଙ୍ଗ ଉପରେ, ଆଦିମ ପୁରାତନ କାଳରେ ଯେବେ ଏ ପୃଥିବୀ ସୃଜନ ହୋଇଥିଲା ସେତେବେଳେ ଈଶ୍ୱର ସମସ୍ତ ପ୍ରକାର ଜୀବ, ଜନ୍ତୁ, ତରୁ, ଲତା, ଗୁଳ୍ମ ଆଦିଙ୍କୁ ପରସ୍ପର ପରିପୂରକ ଭାବରେ ଗଢି ତୋଳିଥିଲେ । ବିଶେଷ ଭାବରେ ମଣିଷ ଏବଂ ଜୀବ ଜଗତ ମଧ୍ୟରେ ଏକ ନିବିଡ ସମ୍ପର୍କ ଗଢିଥିଲେ ।

ସମସ୍ତ ଜୀବଙ୍କ ଜୀବନ ନିର୍ବାହ ଶୈଳୀ, ଖାଦ୍ୟ ଗ୍ରହଣ ଏବଂ ବଂଶ ବିସ୍ତାର ପାଇଁ ଏକ ଶୃଙ୍ଖଳିତ ପ୍ରକ୍ରିୟା ପ୍ରସ୍ତୁତ କରିଥିଲେ । ଜୀବଜଗତର ସେଇ ଖାଦ୍ୟଚକ୍ର ସୁଚାରୁରୂପେ ସମ୍ପାଦନ ହେଲେ ଯାଇ ଋତୁଚକ୍ର ସଠିକ ଭାବରେ ଅନୁଭୂତ ହେବ । ପ୍ରକୃତି ଏବଂ ଜୀବ ଜଗତ ମଧ୍ୟରେ ଯେଉଁ ସହସମ୍ପର୍କଟିଏ ରହିଛି ତାହା ମଜବୁତ୍ ରହିବ । ଏହା ଏକ ବୈଜ୍ଞାନିକ ପ୍ରକ୍ରିୟା । ତେଣୁ ସମସ୍ତ ହିତାହିତ ଜ୍ଞାନର ଅଧିକାରୀ ହୋଇ ଯଦି ଆମେ ସେଥିପ୍ରତି ଦୃଷ୍ଟି ନ ଦେଇ ସଚେତନତା ମୂଳକ ଦୃଢ ପଦକ୍ଷେପ ଗ୍ରହଣ ନକରିବା ତେବେ ଅତି ନିକଟରେ ଏ ସୃଷ୍ଟି ବିଲୀନ ହେବ ଏଥିରେ ଦ୍ୱିମତ ନାହିଁ ।

ସାଧାରଣତଃ ସହରାଞ୍ଚଳ ମଣିଷମାନଙ୍କ ଅପେକ୍ଷା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ କୁକୁଡା, ବତକ, ଛେଳି, ମେଣ୍ଢା, ଗାଇ, ଗୋରୁ, ମହିଁଷି ଆଦି ଗୃହପାଳିତ ପଶୁ ପକ୍ଷୀ ପାଳନ କରିଥାନ୍ତି । ସେମାନେ ତାକୁ କିମ୍ବା ତା'ଠାରୁ ଉତ୍ପାଦିତ ସାମଗ୍ରୀ ବିକ୍ରୀ କରି ଅର୍ଥ ଉପାର୍ଜନ କରିଥାନ୍ତି ।

ସେଥିରୁ ଉପାର୍ଜିତ ଟଙ୍କାରେ ହିଁ ସେମାନଙ୍କର ଗୁଜୁରାଣ ମେଣ୍ଟେ । କିନ୍ତୁ ଯେତେବେଳ ଗୋଟିଏ ପଶୁ କିମ୍ବା ପକ୍ଷୀ ବଡ ହୋଇ ବିକ୍ରୀ ଉପଯୋଗୀ ହୋଇଯାଉଛି ଏବଂ ତା'କୁ ସ୍ଥାନାନ୍ତରିତ କରିବାକୁ ପଡୁଛି ସେତେବେଳେ ସେମାନେ ଯଥେଷ୍ଟ ଯତ୍ନଶୀଳ ହୋଇ ନଥାଆନ୍ତି । ସତ କହିବାକୁ ଗଲେ ତାଙ୍କୁ କିପରି ଉପଯୁକ୍ତ ଲାଳନ ପାଳନ କରିବାକୁ ହେବ ତାହା ସେମାନେ ଜାଣନ୍ତି ନାହିଁ । ଏଥିପାଇଁ ଯେ କେବଳ ସରକାର ଦାୟୀ କହିଲେ ଠିକ୍ ହେବନି କାରଣ ଏଯାବତ୍ ସରକାରଙ୍କ ତରଫରୁ ଅନେକ ଯୋଜନା, ପ୍ରଶିକ୍ଷଣ ଶିବିର, ପଥପ୍ରାନ୍ତ ସଚେତନତା ତଥା ଅର୍ଥରଣ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । କିନ୍ତୁ ସେଥିପ୍ରତି ଆମମାନଙ୍କ ଭିତରେ ତିଳେ ମାତ୍ର ଆଗ୍ରହ ରହୁନାହିଁ । ସର୍ବ ପ୍ରଥମେ ଆମମାନଙ୍କ ଭିତରେ ସଚେତନତାର ସ୍ପୃହା ଜାଗ୍ରତ କରାଇବା ଆବଶ୍ୟକ । ଯେବେ ଆମେ ଆମ ପାଳିତ ଜୀବଟିକୁ ଆମ ଆପଣାର ସନ୍ତାନଟିଏ ପରି ଯତ୍ନ ନେବା ସେତେବେଳେ ଆମ ପାଳିତ ଜୀବମାନେ ମଧ୍ୟ ପ୍ରତିଦାନ ସ୍ୱରୂପ ଆମକୁ ଅନେକ କିଛି ଉପହାର ଦେବେ ।

ଭାରତ ସରକାରଙ୍କ ବନ୍ୟପ୍ରାଣୀ ଏବଂ ପାଳିତ ପଶୁପକ୍ଷୀ ସୁରକ୍ଷା ଆଇନ ୧୯୬୦ ଟି ଯଦିଓ ଲାଗୁ କରାଯାଇଅଛି କିନ୍ତୁ ତାହା ଏଯାଏଁ ସଠିକ୍ ରୂପେ କାର୍ଯ୍ୟକାରୀ କରାଯାଉ ନାହିଁ । ଖୋଲାଖୋଲି ଭାବରେ ତା'ର ଉଲଙ୍ଘନ କରାଯାଉଛି । ତେଣୁ ତାକୁ ଆଉ ଟିକିଏ କଡାକଡି ଭାବରେ ପାଳନ କରିବାର ଆବଶ୍ୟକତା ରହିଅଛି । ସେଥିପାଇଁ ଉଭୟ ସରକାର ଏବଂ ସାଧାରଣ ଜନତା ସମସ୍ତେ ଯତ୍ନଶୀଳ ହେବା ଜରୁରୀ । ଅତିବଡି ଜଗନ୍ନାଥ ଦାସଙ୍କ କୃତ ଓଡିଆ ଭାଗବତରେ ବର୍ଣ୍ଣିତ ଅଛି ଯେ

"ସକଳ ଜୀବ ମଧ୍ୟେ ଥାଇ ଅଜ୍ଞାନେ ଜୀବ ନଜାଣଇ,<br>
ସକଳ ଘଟେ ନାରାୟଣ ବସନ୍ତି ଅନାଦି କାରଣ ।"

ପ୍ରତ୍ୟେକ ଜୀବ ବା ପ୍ରାଣୀ ମାନଙ୍କ ଭିତରେ ଈଶ୍ୱର ବାସ କରନ୍ତି ତେଣୁ ତାଙ୍କ ପ୍ରତି ସହାନୁଭୂତି ଏବଂ ସମ୍ବେଦନଶୀଳତା ରହିବା ଉଚିତ୍ । ଯେତେବେଳେ ଜଣେ ମଣିଷର ଏହି ଜ୍ଞାନ ଉଦିତ ହେବ ସେତେବେଳେ ସେ ପ୍ରତ୍ୟେକ ଜୀବ ପ୍ରତି ସହାନୁଭୂତି ଏବଂ ଦୟାଶୀଳ ହୋଇ ଉଠିବ ।

ସେବେ ଯାଇ ପ୍ରତ୍ୟେକ ଜୀବ ଏବଂ ମଣିଷ ଭିତରେ ଥିବା ନିବିଡ ବନ୍ଧନର ଯୋଗସୂତ୍ର ରକ୍ଷା ହୋଇ ପାରିବ ।

*****

ଚକ୍ରଧରପୁର, କେନ୍ଦୁଝର

# ତୁମ ଉତ୍ତର ଅପେକ୍ଷାରେ

ଲିପ୍ସା ଆଚାର୍ଯ୍ୟ

ପୁଣି ଥରେ ସେହି ସ୍ୱପ୍ନ । ମୁଁ ଜାଣେ । ତା' ବାସ୍ତବ ରୂପ ନାହିଁ । ଭବିଷ୍ୟତରେ ସତହେବାର ଆଶା ନେଇ ହୃଦୟରେ ସାଇତି ରଖିଚି । ଯଦି ସତହୁଏ କହିବି ତୁମକୁ ଦିନେ । ଏକଦା ଦେଖାହବ ତୁମ ସାଥିରେ । ସ୍ୱପ୍ନରେ ନୁହେଁ ସତରେ । କେଉଁଠି ଜାଣିଚ ? କଲେଜ ଗ୍ରନ୍ଥାଳୟ ଭିତରେ । ତୁମେ ପୁରୁଣା ବହିରୁ ଧୂଳି ଝାଡୁଥିବ ଆଉ ମନେ ମନେ ବିରକ୍ତ ହଉଥିବ । ତମ ଅଜାଣତରେ ଧୂଳିଗୁଡିକ ଆସି ମୋ ଉପରେ ପଡୁଥିବ । ତମେ ଜାଣିଲା ପରେ, ନମ୍ରତା ଭାବରେ କ୍ଷମା ମାଗିବ ଆଉ ମୁଁ ହସି ଦେଇଚାଲି ଆସିବି । ଏମିତି କାଳେ ହବ ଆମର ପ୍ରଥମ ଦେଖା । ତା' ପରେ ....ଏଠି ରାତି ପାହିଯାଏ, ସ୍ୱପ୍ନର ଚିତ୍ରଟା ଧିରେ ଧିରେ ବିଦାୟ ନିଏ ଆଖିର ପରିଧି ଭିତରୁ । ସ୍ୱପ୍ନ ସିନା ଏତିକିରେ ସରିଯାଏ ।

ମୁଁ କ'ଣ ଭାବେ ଜାଣିଚ ? ଭାବିବାକୁ ଟଙ୍କା ଲାଗେନି । ତେଣୁ ଭାବି ଦିଏ ଅନେକ କଥା । ଭବିଷ୍ୟତର ସ୍ୱପ୍ନ ବୁଣେ । ତମ ସହ ପୁଣିଥରେ ଦେଖାହୁଏ କଲେଜ ଗ୍ରନ୍ଥାଳୟରେ । ସେହି ପୁରୁଣା ଅଭ୍ୟାସ ଅଲୋଡା ବହିର ଧୂଳି ଝାଡିବା । ବେଳେବେଳେ ଇଚ୍ଛା ହଉଥିବ ପଚାରିବା ପାଇଁ କ'ଣ ଖୋଜୁଚ ? ତମ ଉତ୍ତର ବି, ମୁଁ ଭାବି ନେଇଚି । କହିବ ତୁମେ; "ଗୋଟିଏ ପୁରୁଣା ବହି ଭିତରେ ଲୁଚି ରହିଚି ମୋ ପ୍ରେମର କେତୋଟି ଶବ୍ଦ । ତାକୁ ଖୋଜୁଚି । "ମୁଁ ହସିହସି ଗଡିଯିବି ଆଉ ତମେ ରାଗିଯିବ । ଆଉ କ'ଣ କରିଥାନ୍ତି ?? କଲେଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଚି ଗ୍ରନ୍ଥାଳୟ । ତଥାପି ତା' ଭିତର ନିର୍ଜନ ଓ ନୀରବତା ଥାଏ । ପ୍ରେମର କେତୋଟି ଶବ୍ଦ ତୁମେ ପାଇବ କ୍ୟାଣ୍ଟିନ୍ ଭିତରେ ନ ହେଲେ ସାଇକେଲ୍ ଷ୍ଟାଣ୍ଡରେ । ମୋ ଚଗଲାମି ଭରା ଉତ୍ତର ଶୁଣି ତମେ କହିବ .....

ଭାବନାରେ ବର୍ତ୍ତମାନ ତାଲା ପକେଇବାକୁ ପଡିବ । ଭବିଷ୍ୟତ ସମୟରୁ ବାହାରିବାକୁ ପଡିବ, କାହିଁକି ନା ?

ଘରୁ ବାହାରି କେତେବେଳେ କଲେଜରେ ପହଞ୍ଚିଗଲି ଜାଣିପାରିଲି ନାହିଁ । ତମ ଉତ୍ତରଟା ଭାବିବା ବାକି ରହିଗଲା । ଥରେ ଯଦି ସ୍ୱପ୍ନଟା ସତ ହେଇଯିବ ନା । ଉତ୍ତର ଭାବିବାକୁ ପଡିବ ନାହିଁ । ତମ ଠାରୁ ମିଳିଯିବ, ତମର ଉତ୍ତରଟି । ଅପେକ୍ଷା ରହିଲା ସେ ସମୟକୁ ...

*****

ହୁଡକୋ କଲୋନୀ, ଭଞ୍ଜ ବିହାର
ବ୍ରହ୍ମପୁର

# ଆଉ ଇଚ୍ଛା ନାହିଁ

ରାଜେଶ କୁମାର ବାରିକ

ଅମାବସ୍ୟାର ସଞ୍ଜ, ଧିରେଧିରେ କ୍ୟାଣ୍ଡେଲର ଆଲୋକରେ ଗାଁର ପରିବେଶ ଆଲୋକିତ ହେଉଥାଏ । କାହିଁକି ନା ଆଜି ଦୀପାବଳୀ । ତାଳପଟାକା, ଚକୋଲେଟ୍ ବମ, ରକେଟ୍, ତୁରୁତୁରି, ଝରାବତିର ଶବ୍ଦ କାନରେ ବାଜୁଥାଏ, ତଥାପି ନୀରବ ଥାଏ ମାନସ । ରାତି ବଢିବା ସାଙ୍ଗକୁ ଛାତିର ସ୍ପନ୍ଦନ ବି ବଢିବାରେ ଲାଗୁଥାଏ । ଗାଁର ସବୁ ଘରେ କ୍ୟାଣ୍ଡଲର ଆଲୁଅ ସହ ପଟାକାର ମାହୋଲ୍ ମାତୁଆଲା କରୁଥିବା ବେଳେ ଅନ୍ଧକାର ଘରେ କରଞ୍ଜ ଦୀପର ଆଲୁଅରେ ବସିଛି ମାନସ । ଦୀପାବଳୀରେ ଦୀପ ଜାଳିବାକୁ ହୁଏ କ୍ୟାଣ୍ଡେଲ୍ ନୁହେଁ ଏହା ଆମ ସଂସ୍କୃତି ବିରୋଧୀ ବୋଲି ମାଁ ବୁଝାଇ ଦେଇଛି ।

କାହିଁକି ନା ପାଖରେ ପଇସା ନାହିଁ । ଅଭାବି ସଂସାରର ଅଭାବ ସବୁଦିନ ସମାନ ଥାଏ । ନା' ଆସେ ଦୀପାବଳୀ ନା' ଆସେ ହୋଲି ସବୁଦିନ ସମାନ । ୧୦ରୁ ୧୨ବର୍ଷର ହେବ ମାନସ ସେ କାହୁଁ ବୁଝିପାରିବ ଅଭାବି ସଂସାର ଅଭାବ କଥା । ମନ ବୁଝିଲା ନାହିଁ ପିଣ୍ଡା ଉପରୁ ଉଠିଆସି ବାଡ ପାଖରେ ଛିଡା ହେଲା । ବେହେରା ଘର ଟିକିନ ଦାଦା, ତପନ ଭାଇ ଆଉ କାହ୍ନା ମିଶି କେତେ ରଂକମର ବାଣ ଫୁଟାଉ ଥାଆନ୍ତି, ଦୂରରୁ ସିନା ଭଲ କିନ୍ତୁ ତଥାପି ଭଲ ଲାଗିଲା ନାହିଁ । ଭାଇ ପାଖକୁ ଧାଇଁ ଗଲା ମାନସ । ଭାଇ... ଭାଇ ୧୦ ଟଙ୍କା ଅଛିନା ଦେଏନା ୧୦ଟା ଚକୋଲେଟ୍ ବମ୍ ଆଣିବି ବୁଟୁ ଦୋକାନରୁ ।

ତୁ ମୋତେ ଦେଇଥା ଏଇଥର ହାଟକୁ ଗଲେ ପଇସା ବଞ୍ଚେଇ ତୋତେ ଦେଇ ଦେବି । ୧୦ ଟଙ୍କା ଦେଏନା ଭାଇ...

ସେଦିନ ବାପା ଦେଇଥିବା ପଇସାରେ ମୁଁ ଗୋଟେ ଡଟ ନେଇ ଜାଇଛି ଏଇ ନେ ୫ ଟଙ୍କା ଅଛି ।

ଆଉ ଶୁଣ୍... ଶୁଣ୍ ମାନସ...! ବୁଢିମାଁ ବାକ୍ସର ଚାବି ଥଳିଆ ଭିତରର ଗୋଟେ ଡବା ଭିତରେ ଅଛି ତୁ ଯା' ସେଉଠୁ ପଇସା ନେଇ ନେବୁ । ହଁ ଭାଇ... କହି ସେଦିନ ରାତିରେ ସିନା ପଇସା ନେଇ ମନଭରି ବାଣ ଫୁଟାଇଥିଲା ମାନସ ହେଲେ ଆଉ ପରଦିନବି ମାଡ ଖାଇଥିଲା ମାନସ ।

ଆଜି ସମୟ ବଦଳିଛି ଆଉ ବଦଳିଛି ମାନସର ଅବସ୍ଥା, ଆଜିବି ପ୍ରତିଥର ପରି ଦୀପାବଳୀ ଆସେ ବେହେରା ଘର ବାଣ ବି ଫୁଟେ ବୁଢିମା ତା ଭତ୍ତା ପଇସା ଆଣିକି ଦିଏ କିନ୍ତୁ ମାନସ ବାଣ ଫୁଟାଏନି । କାହିଁକି ନା ଆଉ ଇଚ୍ଛା ନାହିଁ ।

*****

ଦେବେନ୍ଦ୍ରପୁର, ଅଭଣା,

ବାଲେଶ୍ୱର

# ସତରେ ବୋଉଜଣେ ଭିନ୍ନ ସ୍ୱାଦର ମଣିଷ

ସରୋଜ ମହାପାତ୍ର

ଶ୍ରୁତି ଅନେକ ଦିନରୁ ତୁମକୁ କହିବି କହିବି ଭାବି କହି ପାରୁନ ଥିଲି ଆଜି କହୁଛି ନରାଗି ବୁଝିବା ପାଇଁ ଚେଷ୍ଟା କରିବ । ବୋଉଙ୍କ ପ୍ରତି ତୁମର ଭଲପାଇବା ଅଛି ଏକଥା ମୁଁ ଜାଣିଛି କିନ୍ତୁ ଯେଉଁ କିଛି ଭାବନା ଅଛି ସେ ସବୁ ମୋ ମତରେ ସମ୍ପୂର୍ଣ୍ଣ ଭୁଲ । କାରଣ ବୋଉ ତୁମକୁ ବହୁତ ଭଲ ପାଆନ୍ତି ଆଉ ପାଇବାବି ସ୍ୱାଭାବିକ କାରଣ ସେ ତୁମକୁ ଜନ୍ମ ଦେଇଛନ୍ତି । ସେ ଡରନ୍ତି ସମାଜରେ ଚାଲିଥିବା ଭୟଙ୍କର ସମାଲୋଚନା ବ୍ୟାଧିକୁ । ଆଉ କିପରି ପରିବାରର ଆତ୍ମ ସମ୍ମାନରେ କିଛି ଆଞ୍ଚ୍ ନଆସୁ ସେଥିପାଇଁ ସେ ସଚେତନ ରୁହନ୍ତି ପ୍ରତି ମୁହୂର୍ତ୍ତରେ । ମୁଁ ଯେତିକି ଅଳ୍ପ ବହୁତ ଜାଣିଚି କହୁଛି ।

ତୁମର ପୁଅପିଲା ସାଙ୍ଗ ବେଶି ନାହାନ୍ତି କାରଣ ବୋଉଙ୍କୁ ପସନ୍ଦ ନୁହେଁ ଆଉ ତୁମର ଅଭ୍ୟାସ ବି ହେଇ ଗଲାଣି କାହା ସହିତ ମିଶିବା । ବୋଉଙ୍କରଙ୍କର ଚାହାଣି ସତେ ଯେମିତି ଅଲଗା କରିପାରେ ସୁନାରୁ ଖାଦକୁ ଆଉ କ୍ଷୀରରେ ମିଶିଥିବା ପାଣିକୁ । ସେ ପସନ୍ଦ କରନ୍ତି ଆଧୁନିକତାକୁ କିନ୍ତୁ ଘୃଣା କରନ୍ତି ଆନୁକରଣକୁ । ସେ ତୁମକୁ ଭଦ୍ର, ନମ୍ର ଆଉ ସଂସ୍କାରି କରି ଗଢିଛନ୍ତି ଅନେକ କଷ୍ଟ ସହି । ସେ ତୁମକୁ ହଜାରେ ପ୍ରଶ୍ନ କରନ୍ତି - କୁଆଡେ ? କାହିଁକି ? କାହା ସହ ? କାହା ପାଖକୁ ? କେତେବେଳେ ? ଇତ୍ୟାଦି ଇତ୍ୟାଦି... ତୁମେଥରେ ତାଙ୍କ ଜାଗାକୁ ଆସି ଉପଲବ୍ଧି କର ତାଙ୍କ ହୃଦୟର ଅସୁମାରୀ ପ୍ରେମକୁ । ବୟସର ନଈରେ କିପରି ତୁମ ପାଦ ଖସୁ ଖସୁ ସେ ତୁମକୁ ସମ୍ଭାଳି ନେଇଛନ୍ତି ଆଉ ପ୍ରତି ମୁହୂର୍ତ୍ତରେ ଶିଖେଇ ଦେବାକୁ ଚାହିଁଛନ୍ତି ବଞ୍ଚିବାର ପ୍ରକୃତ ମୂଲ୍ୟକୁ । ମୁଁ ମାନୁଚି ବୋଉ ରାଗନ୍ତି, ତୁମେ ଫୋନରେ କଥା ହେଲେ... ବେଶି ସମୟ ଫୋନ ଧରି ବସିଲେ, କାରଣ ସେ ବୁଝିଛନ୍ତି ଏ ସ୍ୱାର୍ଥପର ଦୁନିଆଁର ସତ୍ୟତା ।

ଶ୍ରୁତି, ତୁମ ମନ ଏବେବି ପିଲାଳିଆମିରେ ଭରପୁର କେହି ଯେମିତି ତୁମ ସରଳତା ସୁଯୋଗ ନେଇ ତୁମର ଫାଇଦା ଉଠାଇବା ପାଇଁ ଚେଷ୍ଟା ନକରୁ ସେ ତୁମକୁ ଜଗନ୍ତି ସେଥିପାଇଁ । ବୋଉ ଏତେବି ପୁରୁଣା ମଣିଷ ନୁହେଁ, ସେ ଶିକ୍ଷିତା ଆଉ ସ୍ୱାଭିମାନି ବି । ସେ ନିତିଦିନ ଦେଖୁଛନ୍ତି ସହ ସହ ଘଟଣା କିପରି ପିଲାଙ୍କ ଜୀବନ ଅନ୍ଧକାରମୟ ହେଇ ଯାଉଛି । ସେ ଉପରକୁ ସିନା ତୁମ ଉପରେ ରାଗନ୍ତି ହେଲେ ଭିତରେ ପ୍ରତି ମୁହୂର୍ତ୍ତରେ ତୁମ ପାଇଁ ଓ ନାନୀଙ୍କ ଚିନ୍ତାରେ ତାଙ୍କ ହୃଦୟ ଧକ ଧକ ହେଉଥାଏ ଗୋପନରେ । ବୋଉ ମନା କରନ୍ତି କୋଉ ସାଙ୍ଗଙ୍କ ସହ ବେଶି ମିଶିବା ପାଇଁ, କାହା ଘରକୁ ଯିବା ପାଇଁ କାରଣ ଏବେ ଲୋକଙ୍କ ମାନସିକତା ଦିନକୁ ଦିନ ବିକୃତ ହୋଇ ଯାଉଛି । ଶ୍ରୁତି... ତୁମେ ଜାଣି ରଖିବା ପାଇଁ ହେବ ସମୟ ସହିତ ତୁମ ବୟସ ବଢୁଛି ଧୀରେ ଧୀରେ, ଆଉ ତୁମପ୍ରତି ଥିବା ବୋଉଙ୍କ ଦାୟିତ୍ୱ ବି । ବୋଉ ଅନେକ କିଛି ସହିଛନ୍ତି ଜୀବନରେ, ସଂଘର୍ଷ କରିଛନ୍ତି ଆଉ ସଫଳ ବି ହେଇଛନ୍ତି ।

ନନା ପରିସ୍ଥିତିକୁ ସାମ୍ନା କରି ନନାଙ୍କ ହାତ ଧରି ପରିବାରକୁ ଆଗେଇ ନେଇଛନ୍ତି । ଥରେ ଭାବ - କେତେ କଷ୍ଟ କରିଥିବେ ବୋଉ, ମେସିନ ଭଳି ଖଟିଥିବେ ତୁମକୁ ନାନୀଙ୍କୁ ବଡ଼ କରିବା ପାଇଁ । ଏବେବି ସମୟ ବାହାର କରନ୍ତି ତୁମ ପାଇଁ । ନିଜ ମନକୁ ଟିକେ ହାଲକା କରିବା ପାଇଁ ସେ ଗପନ୍ତି ସତ କିନ୍ତୁ କେତେ ଲୋକଙ୍କ ଅସୁବିଧା ସୁବିଧାରେ ସାହାଯ୍ୟ କରନ୍ତି ତୁମକୁ ବୋଧେ ଜଣା ନଥିବ । ତୁମ ଅସୁବିଧା ସମୟରେ କ'ଣ ବିତୁଥିବ ତାଙ୍କ ଉପରେ । ସେ ଛାତିରେ ପଥର ଲଦି ନିଜେ କଷ୍ଟ ସହି ତୁମକୁ ଶିଖେଇବା ପାଇଁ ବୁଝେଇବା ପାଇଁ ରାଗନ୍ତି ତୁମ ଉପରେ ।ଏବେ ତୁମର ଠିକ ଭୁଲ ବିଚାର କରିବାର ଶକ୍ତି ଆସିଗଲାଣି ଧୀରେ ଧୀରେ, ସେ ରାଗିଛନ୍ତି ରଷିଛନ୍ତି ତୁମ ଉପରେ । ହେଲେ ଆଜି ଯାଏ ତୁମ ସବୁ ଆଶାକୁ ପୂରଣ କରିଛନ୍ତି ବିନା ସର୍ତ୍ତରେ । ମୋତେ କଥା ଦିଅ ଆଉ କେବେ ବି ରାଗିବନି ବୋଉଙ୍କ ଉପରେ । ଶ୍ରୁତି ମୁଁ ଏବେ ଏବେ ଆସିଛି ତୁମ ଜୀବନରେ, ଅନେକ କିଛି ଜାଣି ସାରିଛି ଆଉ ଅଳ୍ପ ବାକି ରହିଛି,

ମୁଁ ଧୀରେ ଧୀରେ ବୁଝୁଛି ସେ ସବୁକୁ । ସମସ୍ତଙ୍କୁ ମୁକ୍ତ ଆକାଶରେ ହୋଇ ଉଡିବା ପାଇଁ ପସନ୍ଦ କିନ୍ତୁ କେହି ବୁଝନ୍ତିନି ବନ୍ଦୀ ହୋଇ ରହିଥିବା ଛଢେଇର ଦୁଃଖକୁ । ସମାଜରେ ଚଳିବା ପାଇଁ ନାନା ନୀତି ନିୟମ ମାନିବାକୁ ହୁଏ ଆଉ ପ୍ରଥା ପରମ୍ପରାକୁ ସମ୍ମାନ ଜଣାଇ ଚାଲିବାକୁ ହୁଏ । ଏବେ ତୁମେ ନୂଆ ଦୁନିଆ ଦେଖିବ... ନିଜର ହାତ ମୁଠା ଶକ୍ତ କରି, ପାଦରେ ନୂତନ ଶକ୍ତି ଭରି ଜୀବନର ପଥକୁ ଅତିକ୍ରମ କରିବ । ଦୁନିଆଁରେ ସମସ୍ତେ ସମାନ ନୁହଁନ୍ତି, ଏଇ ଦେଖୁନ ଆମ ନିଜ ହାତର ଆଙ୍ଗୁଠି ସମାନ ନାହିଁ ତ ସମସ୍ତଙ୍କର ଚିନ୍ତା ଚେତନା ସମାନ ହେବ ବା କିପରି ? ଅତୀତକୁ ମନେ ପକେଇଲେ ତାକୁ ସଜାଡି ହେବନି, ଭବିଷ୍ୟତ କେହିବି ଦେଖିନି, ତୁମେ ବର୍ତ୍ତମାନକୁ ନେଇ ବଞ୍ଚିବା ଶିଖିଯାଅ । ତୁମେ ଜାଣିନ ଶ୍ରୁତି... ଏବେର ସମାଜରେ ସମାଲୋଚନାର କଦର୍ଯ୍ୟ ବ୍ୟାଧି ବ୍ୟାପି ଗଲାଣି ଚାରି ଆଡ଼େ । ତୁମ ଉପରେ ମୋର ଯଥେଷ୍ଟ ବିଶ୍ୱାସ ଓ ଭରସା ଅଛି । ମୁଁ ଅନୁରୋଧ କରୁଛି ତୁମେ ନିରୋଳାରେ ବସି ନିଜକୁ ବୋଉଙ୍କ ଜାଗାରେ ରଖି ଚିନ୍ତା କର ।

ବୁଝିଯିବ ଦୁନିଆଁର ସବୁ ଝଡ଼ କିପରି ସହିଛନ୍ତି ନନା ଆଉ ସେ । ତୁମ ମନକୁ ବୁଝାଇବା ପାଇଁ ମୋର ଛୋଟ ପ୍ରୟାସ ମାତ୍ର, ଶୁଣ ଅଭିମାନ କରି ଉପାସ ରହିଲେ କି ଲୁହର ନଦୀରେ ସ୍ନାନ କଲେ କୌଣସି ସମସ୍ୟାର ସମାଧାନ ହୁଏନି । ଆଜିଠୁ ବିଲକୁଲ ନୂଆ ଏକ ରାସ୍ତାରେ ଚଳିବା ପାଇଁ ସଂକଳ୍ପ କର । ଆଉ ଏକଥା ମନେ ରଖ ବୋଉ ଜଣେ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ମଣିଷ । ତୁମେ ମୋତେ ବାରମ୍ବାର ପ୍ରଶ୍ନ କରିଛ ମୁଁ ତୁମକୁ କ'ଣ ପାଇଁ ପସନ୍ଦକରେ କାରଣ ତୁମେ ଜଣେ ସଦସ୍ୟ ମୋ ଛୋଟ ପରିବାରର ।

*****


ଯଶୋବନ୍ତ ପୁର ,

ଜଗତସିଂହପୁର

# ଗୋଲାମଗିରି

ଦୀପକ କୁମାର ଷଡଙ୍ଗୀ

ବୟସର ସାୟାହ୍ନରେ ଉପନୀତ ହୋଇ ବି ଡକ୍ଟର ପ୍ରଶାନ୍ତ ମିଶ୍ରଙ୍କ ସିନେମା ଦେଖା ନିଶା ଜମା ଛାଡି ପାରୁ ନଥିଲେ । ପୁଅ ଝିଅ ବଡ ହେଇ ବାହାସାହା ହେଇ ପ୍ରଶାନ୍ତବାବୁ ଆସି ନାତି-ନାତୁଣୀ ଖେଳେଇଲେଣି ତଥାପି ଟିଭିରେ କୌଣସି ଗୋଟେ ନୂଆ ସିନେମା ଦେଲେ ସବୁ କାମ ଛାଡି ବସିଯିବେ ଟିଭି ଆଗରେ । ପତ୍ନୀ ଶୋଭା ଦେବୀଙ୍କୁ କଡା ତାଗିଦ "ଦେଖ ମୁଁ ସିନେମା ଦେଖିଲା ବେଳେ ମୋତେ ଜମା ଡିସଟର୍ବ କରିବନି ଯାହା କାମ ଅଛି ମୋତେ ଏବେ କହିଦିଅ କରିଦେବି" । ଶୋଭା ଦେବୀ ମଧ୍ୟ ସ୍ୱାମୀଙ୍କର ଏହି ଝୁଙ୍କକୁ ଭଲ ଭାବେ ଜାଣନ୍ତି । ଟିଭିରେ ନୂଆ ସିନେମାର ଆଡ୍ ଆସିଲା ମାନେ ପ୍ରଶାନ୍ତବାବୁ



୫ ଦିନ ଆଗରୁ ଘର ସାରା ଲୋକଙ୍କୁ କହି ବୁଲୁଥିବେ ଜାଣିଛ ଅମୁକ ଦିନ ରାତି ୮ଟା ରେ ସୋନି ମାକ୍ସରେ ଅମୁକ ସିନେମା ଦବ, ଏବେ ପରା ହଲରେ ରିଲିଜ ହେଇଥିଲା, ବଢିଆ ଫିଲ୍ମଟା । ପ୍ରଶାନ୍ତବାବୁଙ୍କର ସିନେମା ଦେଖାରେ କୌଣସି ଗୋଟେ ଧରାବନ୍ଧା ନିୟମ ନ ଥାଏ । ହିନ୍ଦୀ, ବଙ୍ଗଳା, ଇଙ୍ଗ୍ରାଜି, ତେଲୁଗୁ, ତାମିଲ ଡବିଂ ଆଦି ଯେଉଁ ସିନେମା ଦେଖିବାକୁ ବସିଯିବେ ମାନେ ସିନେମାର ନାଁ ବାହାରିବା ଠାରୁ ଆରମ୍ଭ କରି ନାଁ ଶେଷ ହେବା ପର୍ଯ୍ୟନ୍ତ ସେମିତି ଚାତକ ଭଳିଆ ଟିଭି ଆଗରେ ବସିଥିବେ । ଏମିତିକି ପରିଶ୍ରା ଲାଗିଲେ ମଧ୍ୟ କେବଳ ଯେତେବେଳେ ଆଡ୍ କିମ୍ବା ଗୀତ ଦେଲେ ହିଁ ଯାଆନ୍ତି ନହେଲେ କାଳେ କୋଉ ସିନ୍ ଟା ମିସ୍ ହେଇଯିବ । କିନ୍ତୁ ପ୍ରଶାନ୍ତବାବୁଙ୍କର ଓଡିଆ ଫିଲ୍ମର ପ୍ରଶାନ୍ତ ନନ୍ଦଙ୍କର ଫିଲ୍ମ ଗୁଡିକ ଭାରି ପସନ୍ଦ । ପ୍ରଶାନ୍ତ ନନ୍ଦଙ୍କର ସବୁ ଫିଲ୍ମ ସେ ପ୍ରାୟ ୧୦/୧୧ ଥରରୁ ଉର୍ଦ୍ଧ୍ୱଥର ଦେଖିଛନ୍ତି । ତା ମଧ୍ୟରୁ ଗୋଲାମଗିରି ହେଉଛି ଅନ୍ୟତମ ଏବଂ ଟିକେ ନିଆରା ମଧ୍ୟ । କ'ଣ ପାଇଁ ନିଆରା ତା' ପଛରେ ଗୋଟେ କାହାଣୀ ମଧ୍ୟ ଅଛି ।

ଆଜ୍ଞା ହଁ ! ସୁଧୀ ପାଠକବୃନ୍ଦଙ୍କ ଅବଗତି ନିମନ୍ତେ ମୁଁ ଏଠି ଜଣାଇ ରଖେ ଯେ ଇଏ ହଉଛନ୍ତି ମୋର ଅନ୍ତରଙ୍ଗ ବନ୍ଧୁ ସର୍ଜରି ସ୍ପେଶ୍ୟାଲିଷ୍ଟ ଡକ୍ଟର ପ୍ରଶାନ୍ତ ମିଶ୍ର । ଜଣେ ଡକ୍ଟର ହେଇ କି ବି ବାବୁଙ୍କର ସିନେମା ନିଶା ପ୍ରବଳ । ମୁଁ ବାବୁଙ୍କର ସିନେମା ପ୍ରୀତି ଉପରେ ଆଉ ଟିକେ କହିଦିଁଏ । ତା'ପରେ ଆମେ ମୁଖ୍ୟ କାହାଣୀକୁ ଯିବା । ପ୍ରଶାନ୍ତ ବାବୁଙ୍କର ସିନେମା ଦେଖାରେ କାଳେ ବ୍ୟାଘାତ ନ ଘଟିବ ସେଥିପାଇଁ ମଧ୍ଯ ସବୁ ବନ୍ଦୋବସ୍ତ ସେ ଘରେ କରି ରଖିଛନ୍ତି । ଗୋଟେ ବଡ ଇନ୍ଭର୍ଟର ଖାସ୍ କରି ଟିଭି ସହିତ କନେକ୍ସନ ଦିଆଯାଇଛି, ଯଦି କରେଣ୍ଟ ପଳାଏ ତେବେ କମ ସେ କମ ୮ ରୁ ୯ ଘଣ୍ଟା ପର୍ଯ୍ୟନ୍ତ ଟିଭି ଚାଲିପାରିବ । ସିନେମା ଦେଖିବାର ଅସଲି ମଜା ଲୁଟିବା ପାଇଁ ମଧ୍ଯ ପ୍ରଶାନ୍ତବାବୁ ସବୁ ବ୍ୟବସ୍ଥା କରି ଦେଇଛନ୍ତି । ସୋନି କମ୍ପାନୀର ୧୦୦ ଇଞ୍ଚିଆ ବଡ ଏଲଇଡ଼ି ଟିଭି ତା ସହିତ ହୋମ ଥିଏଟର ସଂଯୁକ୍ତ ହୋଇଛି । ଘରେ କିଏ କାଳେ ବ୍ୟାଘାତ କରିବ ସେଥି ପାଇଁ ନିଜେ ଅଲଗା ଗୋଟେ ଟାଟା ସ୍କାଏର କନେକ୍ସନ ନେଇଛନ୍ତି, ଯେଉଁଥିରେ ସବୁ ସିନେମା ଚ୍ୟାନେଲର ଏଚ୍‌ଡ଼ି ଭର୍ସନ

ଏକ୍ଟିଭେଟ କରାଯାଇଛି । ସିନେମା ଦେଖା ପାଇଁ ସ୍ୱତନ୍ତ୍ର ନିଜର ବେଡ୍ ରୁମ ବନେଇଛନ୍ତି ସେ । ଟିଭି ଲଗା ଯାଇଛି କାନ୍ଥରେ । ଆଗରେ ଏକ ବିଶାଳ ୩ ଜଣିଆ ସୋଫା ସେଟ୍ । ଆରାମରେ ଗୋଡ ରଖିବା ପାଇଁ ସୋଫା ଆଗରେ ଗୋଟେ ଟି ପୟ । ସିନେମା ଆରମ୍ଭ ହେଲା ମାନେ ଶୋଭା ଦେବୀ ଚା, ବିସକୁଟ, ମିକ୍ସଚର ଓ ପାଣି ବୋତଲ ଆଣି ରଖି ଦେଇ ଯାଆନ୍ତି ଟି ପୟ ଉପରେ ।

ଏବେ ଆସନ୍ତୁ ଜାଣିବା ପ୍ରଶାନ୍ତର ସିନେମା ପ୍ରୀତି । ମୋର ପ୍ରଶାନ୍ତ ସହ ବନ୍ଧୁତା କଟକର ରେଭେନସା କଲିଜିଏଟ ସ୍କୁଲରୁ । ତା'ର ମୋର ଦଶମ ଶ୍ରେଣୀରେ ଗୋଟିଏ ସେକ୍ସନ ଥିଲା । ମାଟ୍ରିକ ପରେ ରେଭେନସା କଲେଜ ଓ ତା'ପରେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଏଡମିଶନ ସବୁ ଏକା ସାଙ୍ଗରେ । ପ୍ରଶାନ୍ତର ଦଶମ ପରଠାରୁ ଏ ସିନେମା ଦେଖା ନିଶା ଲାଗିଲା । ମୋର ମନେ ଅଛି ରାଜ୍ କପୁରଙ୍କ ବବି ସିନେମା ଦେଖାଠାରୁ ଆରମ୍ଭ ହୋଇ ଥିଲା ତା'ର ଏ

ସିନେମା ପ୍ରୀତି । କଲେଜରେ ଯେତେବେଳେ ଦେଖିବ ସାଙ୍ଗ ମାନଙ୍କ ସହ ସିନେମା ଷ୍ଟାଇଲରେ ଗପିବ । ଅମିତାଭ, ରାଜେଶ ଖାନ୍ନା, ଦେବ ଆନନ୍ଦଙ୍କ ପରି ମିମିକ୍ରୀ କରି ସାଙ୍ଗମାନଙ୍କୁ ହସେଇବ । ଏମିତି ଥରେ ଥଟା ମଜାରେ ଆମର ଗୋଟେ ସାଙ୍ଗ ପ୍ରଭାତ ତାକୁ କହି ଦେଲା "ଆବେ ଏ ପ୍ରଶାନ୍ତ ତୁ ତ ପୁରା ଆମ ଓଡିଆ ହୀରୋ ପ୍ରଶାନ୍ତ ନନ୍ଦଙ୍କ ଭଳିଆ ଦେଖା ଯାଉଛୁ, ତୁ ଟିକେ ନିଶ ରଖି ଦେ ଆଉ ଚୁଟି ଟିକେ ବାଗେଇ ଦେ ଦେଖିବୁ ପୁରା ପ୍ରଶାନ୍ତ ନନ୍ଦଙ୍କୁ ଲୁଚେଇବ ଆଉ ତତେ ଦେଖିବ ଏକଦମ ସମାନ ତ ଆଉ" ? ତୋ ନାଁ ଆଉ ପ୍ରଶାନ୍ତ ନନ୍ଦଙ୍କ ନାଁ ବି ସମାନ ଅଛି ଖାଲି ଯାହା ସାଙ୍ଗିଆରେ ତୁ ମିଶ୍ର । ବାସ୍ ସେହି ଦିନଠାରୁ ବାବୁଙ୍କର ଗୋଡ ଆଉ ତଳେ ଲାଗିଲାନି । ପ୍ରଶାନ୍ତ ନନ୍ଦଙ୍କର ଯେତେ ସବୁ ଫିଲ୍ମ ଥିଲା ଶେଷ ଶ୍ରାବଣଠାରୁ ଆରମ୍ଭ କରି ସେତେବେଳକାର ସବୁ ଫିଲ୍ମ ଗୋଡେଇ ଗୋଡେଇ ଦେଖିଲା । ତାଙ୍କରି ଭଳି କେଶ ସଜେଇଲା, ନାକ ତଳେ ନିଶ ରଖିଲା, ସାର୍ଟ, ପ୍ୟାଣ୍ଟ ଏମିତିକି ବେଳେ ବେଳେ କଲେଜରେ ପ୍ରଶାନ୍ତ ନନ୍ଦଙ୍କ ଫିଲ୍ମର ଡାୟଲଗ୍ ଗୁଡାବି କହିଲା ଆଉ ମିମିକ୍ରୀ ବି କଲା,

ତାକୁ ଦେଖି ଝିଅପିଲା ମାନେ ବଡ ମଜା ନଉଥିଲେ କିନ୍ତୁ ସେ କାହାରିକୁ ଖାତିର କରୁ ନ ଥିଲା ତାକୁ ସିନେମା ଓ ପ୍ରଶାନ୍ତ ନନ୍ଦଙ୍କ ଫ୍ୟାନ୍ ହବା ନିଶା ଘାରିଥିଲା । ସେ ତା ନିଜ ଦୁନିଆଁରେ ହିଁ ଖୁସି ଥିଲା । ମୋର ଠିକ୍ ମନେ ଅଛି ସେତେବେଳେ କଟକର ହିନ୍ଦ୍ ସିନେମା ହଲରେ(ଏବେ ଅବଶ୍ୟ ବନ୍ଦ ହୋଇଗଲାଣି) ପଡିଥାଏ ପ୍ରଶାନ୍ତ ନନ୍ଦ ଓ ମହେଶ୍ୱତାଙ୍କ ଅଭିନୀତ ଲୋକପ୍ରିୟ ଚଳଚ୍ଚିତ୍ର ଗୋଲାମଗିରି । ପ୍ରାୟ ଏକ ମାସ ହବ ସିନେମା ହାଉସ୍ ଫୁଲ ଚାଲିଥାଏ । ଆମେ ସାଇକେଲରେ କଲେଜ ଗଲା ବେଳେ ପ୍ରଶାନ୍ତ ହଲ୍ ଆଗରେ ଛିଡା ହୋଇ ୫/୧୦ ମିନିଟ୍ ପୋଷ୍ଟର ଦେଖିବ ଆଉ ତା'ପରେ ଆସିବ । ମତେ ବଡ ବିରକ୍ତ ଲାଗେ ମୁଁ କହେ "ତୁ ଏଇଠି ଠିଆ ହେଇ ପୋଷ୍ଟର ଦେଖୁଥା ମୁଁ ଚାଲିଲି, ସେପଟେ କ୍ଲାସ ଡେରି ହେଇ ଗଲେ ସାର ଆଉ କ୍ଲାସରେ ପୁରେଇ ଦେବେନି ଯେ" । ମୋ କଥାକୁ ତା'ର ତିଳେ ମାତ୍ର ଖାତିର ନ ଥାଏ । ସେ ସବୁ ବେଳେ ଗୋଟାଏ କ୍ଲାସ ପରେ ହିଁ କଲେଜ ଆସେ । ଦିନେ ଗୋଟେ ରବିବାର ଦିନ ପ୍ରଶାନ୍ତ ମତେ କହିଲା "ଚାଲ ଆଜି ଯିବା ଯାହାହେଲେ ଗୋଲାମଗିରି ଦେଖିବାକୁ ।

ତମର କାହାର ପଇସା ଦବା ଦରକାର ନାହିଁ ସମସ୍ତଙ୍କ ଟିକେଟ ମୁଁ ଦେବି" । ମୋର ସିନେମା ଯିବାକୁ ଏତେ ଇଚ୍ଛା ନଥାଏ । ତଥାପି ଶୁଣିଥିଲି ଯେ ସିନେମାଟି ଭଲ ହେଇଛି ବୋଲି ଆଉ ପ୍ରଶାନ୍ତ ତ ତା' ଖର୍ଚ୍ଚରେ ନଉଛି ମୁଁ କାଇଁ ଏ ସୁଯୋଗ ହାତ ଛଡା କରିବି । ମାର୍ଟିନୀ ଶୋ ସିନେମା ଯିବା ପାଇଁ ସ୍ଥିର ହେଲା । ମୁଁ ଓ ପ୍ରଭାତ ଦୁଇ ଜଣ ଯାକ ତାଙ୍କ ଘରେ ଦିନ ୧.୩୦ରେ ଯାଇ ପହଞ୍ଚିଗଲୁ । ଘରେ ତାଙ୍କର ବୁଢା ଜେଜେବାପା, ଜେଜେମା, ସାନ ଭଉଣୀ ମିନୁ ଓ ପ୍ରଶାନ୍ତକୁ ମିଶାଇ ଛଅ ପ୍ରାଣୀ କୁଟୁମ୍ବ । ତା' ବାପା ଜଣେ ଅଧସ୍ତନ ସରକାରୀ କର୍ମଚାରୀ ଦରମା ମଧ୍ୟ ବେଶି ନୁହେଁ ଆଉ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ଆମେ ଦୁଇ ଜଣ ତାଙ୍କ ଘରେ ପହଞ୍ଚି ଯିବାରୁ ତାଙ୍କ ମା ଆମକୁ ମେଲା ଘରେ ବସିବାକୁ କହି ଭିତରକୁ ଚାଲିଗଲେ । ଘର ଭିତରୁ ପ୍ରଶାନ୍ତର ପାଟି ଶୁଣା ଯାଉଥାଏ " ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କାରେ କ'ଣ ହବ ? ପ୍ରଶାନ୍ତ ଅଭିଯୋଗ କରି ତା' ମାଙ୍କୁ କହୁଥାଏ । ଟିକେଟ୍ କେତେ ଦାମ ଜାଣିଛୁ ନା ?

ଆଉ ସାଙ୍ଗ ମାନେ ବି ଥିବେ, ମୁଁ ଏତେ କମ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ ? ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନୀରବ ହୋଇଗଲା । ପରେ ପୁଣି କହିଲା "ବୋଉ ମୋର ଟାଇମ୍ ହେଇ ଗଲାଣି ଟଙ୍କା ଦେ" । ରୋଷେଇ ଘରୁ ଥାଇ ତାଙ୍କ ମା କହିଲେ ମୋ ପାଖରେ କିଛି ନାହିଁ ତୁ ବାପାଙ୍କୁ ମାଗି ନେଇ ଯା । ପ୍ରଶାନ୍ତ ବିରକ୍ତ ହୋଇ ଗରଗର ହଉଥିଲା ବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ ପଦ ଧ୍ୱନି ଶୁଣି ନୀରବ ହୋଇଗଲା । ତା' ବାପା ତାକୁ ପଚାରିଲେ "କ'ଣ ହେଲା ? କାହିଁକି ପାଟି କରୁଛୁ ? ଆଉ ତୋ ସାଙ୍ଗ ମାନେ ଆସି କାହିଁକି ମେଲା ଘରେ ବସିଛନ୍ତି" ? ସେପଟୁ ତା ମା ଉତ୍ତର ଦେଲେ "ସାଙ୍ଗ ମାନଙ୍କୁ ନେଇ ସିନେମା ଯିବ ବୋଲି ବାହାରିଛି । ୨୦ ଟଙ୍କା ଥିଲା ଦେଲି, କହୁଛି ଆହୁରି ପଇସା ଦେ" । ଆମ ଆଗରେ ତା ବାପା ବେଶି କିଛି ଉଚ୍ଚବାଚ ନକରି ପକେଟରୁ ୫୦ ଟଙ୍କାଟେ କାଢି ତାକୁ ଦେଇ ଦେଲେ । ତାଙ୍କ ମୁହଁ କାହିଁକି ଏକ ପ୍ରକାର ମଳିନ ଓ ଭାବ ଗମ୍ଭୀର ଦେଖା

ଯାଉଥିଲା । ପ୍ରଶାନ୍ତ କିନ୍ତୁ ବାପାଙ୍କର କ'ଣ ହେଇଛି ବୋଲି ଶୁଣିବାକୁ ଧୈର୍ଯ୍ୟ ନଥିଲା, ଯେମିତି ୫୦ ଟଙ୍କା ପାଇଛି ଆମକୁ ଆଖିରେ ଠାରି ଦେଲା ଯେ "ତମେ ମାନେ ସବୁ ବାହାରକୁ ଯାଅ "। ଆମେ ବି ତା' ଇଶାରା ଠିକ ସେ ବୁଝି କି ବାହାରକୁ ପଳେଇ ଆସିଲୁ । ଆଉ ସାଇକେଲ ଧରି ସିଧା ଚାଲିଲୁ ହିନ୍ଦ୍ ସିନେମାରେ ପଡି ଥିବା ଗୋଲମଗିରି ଫିଲ୍ମ ଦେଖିବାକୁ । ବାଲକୋନୀ ଟିକେଟରେ ବସି ସିନେମା ଦେଖିଲୁ । ଫିଲ୍ମ ସନ୍ଧ୍ୟା ୬.୩୦ରେ ଭାଙ୍ଗୀଲା । ଆମେ ସମସ୍ତେ ଘରକୁ ଫେରିଲୁ । କିନ୍ତୁ ତା' ପରଦିନଠାରୁ ମାସେ ଆଉ ମୁଁ ପ୍ରଶାନ୍ତକୁ କଲେଜ ଆସିବାର ଦେଖି ପାରିଲିନି । ମୁଁ ଦିନେ ବ୍ୟସ୍ତ ହେଇ କି ତାଙ୍କ ଘରକୁ ଗଲି, ଦେଖିଲି ତାଙ୍କ ଘର ଆଗରେ ତାଲା ପଡିଛି । ଫେରିକି ଆସିଲା ବେଳକୁ ପ୍ରଶାନ୍ତ ସହ ବାଟରେ ମୋର ଭେଟ ହେଇଗଲା । ମୁଁ ପଚାରିଲି "ଆରେ କ'ଣ ହେଲା ? କଲେଜ କ'ଣ ପାଇଁ ଆସୁନୁ" ? ମତେ ଦେଖି ପ୍ରଶାନ୍ତ ଭୋ ଭୋ ହୋଇ କାନ୍ଦି ଉଠି କହିଲା । ମୋ ଭଉଣୀ ମିନୁ ଆଉ ଏ ଦୁନିଆଁରେ ନାହିଁରେ । ମୁଁ ତାକୁ ଟିକେ ଧୈର୍ଯ୍ୟ ଦେଇ କହିଲି "ଆରେ କ'ଣ ହେଲା

ମିନୁର ଟିକେ ଠିକ୍ ସେ କହ ? ତା'ପରେ ସେ କହିଲା "ମିନୁ ମୋ ନିଜ ଭଉଣୀ ନଥିଲା । ମୋ ବାପା ତାକୁ ଆମ ଗାଁ ମନ୍ଦିର ପାଖରୁ ପରିତ୍ୟକ୍ତ ଅବସ୍ଥାରେ ପାଇଥିଲେ, କିନ୍ତୁ ମିନୁ ଆମ ଘରେ ସବୁଠାରୁ ଗେହ୍ଲୀ ଥିଲା, ଆମେ ଯୋଉ ଦିନ ସିନେମା ଦେଖିବାକୁ ଯାଇ ଥିଲେ ସେହିଦିନ ସକାଳେ ମିନୁର ରକ୍ତ ବାନ୍ତି ହୋଇ ନାକରୁ ରକ୍ତ ପଡିଥିଲା, ବାପା ତାକୁ ନେଇ ହସ୍ପିଟାଲ ଯାଇଥିଲେ ସେଇଦିନ । ଆଉ ସେଦିନ ସେଇଥି ପାଇଁ ତମ ମାନଙ୍କ ଆଗରେ ମୋ ସହ ବେଶି କିଛି ଯୁକ୍ତି ତର୍କ ନକରି ସିଧା ପଇସା ଦେଇ ଦେଇଥିଲେ । ଆଉ ମିନୁ ତା' ପରଦିନ ସକାଳେ ଆମ ସମସ୍ତଙ୍କୁ ଛାଡି ଚାଲିଗଲା । ତା'ର କ୍ରିୟା କର୍ମ ପାଇଁ ଆମେ ସମସ୍ତେ ଗାଁରେ ଥିଲୁ । ଏତିକି କହି ପ୍ରଶାନ୍ତ ମୋ ଛାତି ଉପରେ କାନ୍ଦି କାନ୍ଦି ନୟାନ୍ତ ହୋଇ ପଡିଲା । ମୁଁ ତାକୁ ବୁଝାଇ ସୁଝାଇ ଆମ ଘରକୁ ନେଇଗଲି । ସେହି ଦିନଠାରୁ ପ୍ରଶାନ୍ତ କେମିତି ଏକ ସ୍ଥାଣୁ ପାଲଟି ଯାଇଥିଲା ତା'ର ସବୁ ଫିଲ୍ମି କାର୍ଯ୍ୟକଳାପ ବନ୍ଦ ହୋଇ ଯାଇଥିଲା । ସେହିଦିନ ଠାରୁ ମୁଁ ତା ମୁହଁରୁ କେବେ ବି ହଲକୁ ସିନେମା ଯିବା କଥା ଆଉ ଶୁଣିନି ।

ସେ ବହୁତ ମନ ଲଗାଇ ପଢ଼ିଲା ଆଉ ସର୍ଜରିରେ ପିଜି କଲା । ସେ ଦେଖିଥିବା ଗୋଲମଗିରି ଫିଲ୍ମର କାହାଣୀକୁ ମଧ୍ୟ କିଛି ମାତ୍ରାରେ ତା' ଜୀବନରେ ପ୍ରୟୋଗ କଲା । କଟକ ମେଡିକାଲର ସରକାରୀ ଡାକ୍ତରୀ ଚାକିରିରୁ ଅବସର ନେବା ବୟସର ୧୦ ବର୍ଷ ପୂର୍ବରୁ ସେ ଛାଡି ଦେଲା । ସରକାରୀ କଳର ଗୋଲମଗିରିରୁ ସେ ଚାହୁଁଥିଲା ସ୍ୱାଧୀନତା । କିଛି କରିବା ପାଇଁ ଦୁସ୍ଥ, ଅନାଥ, ଗରିବ ଲୋକମାନଙ୍କ ପାଇଁ । ଗରିବ, ଅନାଥ, ଅସହାୟ ଲୋକଙ୍କ ପାଇଁ ସେ ନିଜେ ତା' ହାତରୁ ପଇସା ଖର୍ଚ୍ଚ କରି ଏକ କର୍କଟ ରୋଗ ଦାତବ୍ୟ ଚିକିତ୍ସାଳୟ ଖୋଲିଲା । ଯେଉଁଠାରେ ମାଗଣାରେ ସେ ଅନାଥ ଓ ଅସହାୟ ଲୋକମାନଙ୍କର ମାଗଣାରେ ଚିକିତ୍ସା କରୁଥିଲା । ଆଉ ଏହି କାମରେ ଗୋଲାମଗିରିର ମହାଶ୍ୱେତାଙ୍କ ଭଳି ଶୋଭା ଦେବୀ ମଧ୍ୟ ତାକୁ ଖୁବ୍ ସାହାଯ୍ୟ କରୁଥିଲେ । ତା' ପୁଅ ଅବିନାଶ ମଧ୍ୟ ବାପାର ପଦାଙ୍କ ଅନୁସରଣ କରି ଡକ୍ଟର ହେଇଛି, ଆଉ ହସ୍ପିଟାଲ କାମରେ ତା' ବାପାକୁ ସାହାଯ୍ୟ କରୁଛି । ମଝିରେ ମଝିରେ ଝିଅ-ଜ୍ୱାଇଁ ବି ଦିଲ୍ଲୀରୁ ଆସି ହସ୍ପିଟାଲ କଥା ବୁଝାବୁଝି କରନ୍ତି ।

ହସ୍ପିଟାଲ ଖୋଲା ହବା ୧୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି, ତେଣୁ କିଛି ସରକାରୀ ସାହାଯ୍ୟ ମଧ୍ୟ ମିଳୁଛି । ବହୁତ ଗରିବ, ଅନାଥ ଅସହାୟ ଲୋକଙ୍କୁ ଖୋଜି ଖୋଜି ଆଣି ପ୍ରଶାନ୍ତ ମାଗଣାରେ ଚିକିତ୍ସା କରାଏ । ମୋତେ ବେଳେବେଳେ ତାକୁ ଦେଖିଲେ ଲାଗେ ବୋଧେ ଗୋଲାମଗିରି ଫିଲ୍ମ ତା' ଜୀବନକୁ ଗୋଟେ ନୂଆ ରାହା ଦେଖାଇଲା । ସେ ସେହିଦିନ ଠାରୁ ଆଉ ଫିଲ୍ମ ହଲକୁ ସିନା ଯାଉନି କିନ୍ତୁ ବାବୁଙ୍କର ଫିଲ୍ମ ଦେଖା ନିଶା ଏବେ ମଧ୍ୟ ଯାଇନି । ପଚାରିଲେ କୁହେ "ଆଉ କାଇଁ ସିନେମା ହଲକୁ ଯିବି ଫିଲ୍ମ ରିଲିଜ୍ ହବାର ମାସେ/ଦି ମାସ ଭିତରେ ତ ଟିଭିରେ ଆସି ଯାଉଛି" । ପୁଅ ଯେବେ ଠାରୁ ହସ୍ପିଟାଲ ଦେଖାଶୁଣା କଲାଣି ପ୍ରଶାନ୍ତ ଏବେ ନିଶ୍ଚିନ୍ତରେ ବସି ସବୁ ଫିଲ୍ମ ଟିଭିରେ ଦେଖୁଛି ।

"ଆରେ ହେଇ ତୁ ଏଇଠି ବସିଛୁ ମୁଁ ତତେ ସେଆଡେ କେତେ ଖୋଜିଲିଣି" ? ପ୍ରଶାନ୍ତର ଡାକରେ ମୁଁ ଭାବନା ରାଇଜରୁ ଫେରି ଆସିଲି । "ଆସେ ଯିବା ସେ ନିଆଳିରୁ ଜୋଉ ଦୁଇ ମାସ ତଳେ ଛୋଟ ଝିଅଟି ଆସି ଥିଲା ସେ ଆଜି ଡିସ୍ଚାର୍ଜ ହବ ପରା ।

ଠିକ୍ ସମୟରେ ତା' ବାପା ମା ତାକୁ ମୋ ପାଖକୁ ନେଇ ଆସିଥିଲେ, ମେଡିସିନରେ ହିଁ କ୍ୟାନସରଟା ମୋଟାମୋଟି ଦବି ଗଲା । ବାପା ମା ତା'ର କି ଖୁସି, ଝିଅ ଭଲ ହେଇ ଯାଇଛି ବୋଲି" । ପ୍ରଶାନ୍ତର ଆଖିରେ ମୁଁ ଦେଖି ପାରୁଥିଲି ଗୋଟେ ଅଫୁରନ୍ତ ଶାନ୍ତି ଓ ଆନନ୍ଦ । ତା'ପରେ ସେ କହିଲା ହଁ ଶୁଣୁ ଆଜି ସନ୍ଧ୍ୟାରେ ଇଟିଭି ଓଡିଆରେ ମୋ ଫେବରିଟ୍ ଫିଲ୍ମ ଗୋଲାମଗିରି ଅଛି ଆସିବୁ ମିଶିକି ଦେଖିବା । ମୁଁ କହିଲି "ଭାଇ ଆଉ କେତେଥର ଦେଖିବୁ ଏଇ ସିନେମା ଟା ? ମୋ ଆଡକୁ ଟିକେ ଅନେଇ ହସି ଦେଇ ଦେଇ ଚାଲି ଗଲା ପ୍ରଶାନ୍ତ ୱାର୍ଡ ବୁଲିବା ପାଇଁ, ଆଉ ମୁଁ ତା' ପଛରେ ହସିହସି ଚାଲୁଥାଏ ।

*****

ସହକାରୀ ଅଧ୍ୟାପକ

ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ

ଖୋଡାସିଙ୍ଗୀ, ବ୍ରହ୍ମପୁର-୧୦

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ନଭେମ୍ବର ୨୦୧୯ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

Prerana

"ପ୍ରେରଣା" ଆପ୍ ଡାଉନଲୋଡ୍ କରିବା ପାଇଁ ନିମ୍ନୋକ୍ତ ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ।

https://play.google.com/store/apps/details?id=com.debi.prerana